୪୫

# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ନଭେମ୍ବର ୨୮/୨୦୧୮ (୧୬ ପୃଷ୍ଠା+ସାହିତ୍ୟାୟନ) | Berhampur, Wednesday, November 28/ 2018 | ★★★

୧୪ ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ବିସିସିଆଇକୁ ମିଥାଲିଙ୍କ ଚିଠି**

ମହିଳା କ୍ରିକେଟର ମିଥାଲି ରାଜ ସିଓଏ ସଦସ୍ୟା ଡାଏନା ଇଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କ ବିରୋଧରେ ବିସିସିଆଇକୁ ଚିଠି ଲେଖିଛନ୍ତି।

୧୫

୦୫

**ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ**

ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ ବୋଲି ବଲିଉଡ୍ ଅଭିନେତ୍ରୀ ତବୁ ପ୍ରକାଶ କରିଛନ୍ତି।



## ଧର୍ମେନ୍ଦ୍ର ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଜୁଏଲ



ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ ।

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ନିକଟରେ ଭିଆର୍‌ଏସ୍ ନେଇଥିବା ଆଇଏଏସ୍ ଅଫିସର ଅପରାଜିତା ଷଡଙ୍ଗୀ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଶେଷରେ ଦୀର୍ଘଦିନ ଧରି ରାଜନୀତିରେ ତାଙ୍କର ଯୋଗଦାନ ନେଇ ଚାଲିଥିବା ଚର୍ଚ୍ଚାର ଅବସାନ ଘଟିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟପଟେ ଅପରାଜିତାଙ୍କ ଭଳି ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଆଣି ଭାଜପା ଓଡିଶାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକଥାକୁ ସିଧା ଖଣ୍ଡନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ ଓଡ଼ିଶାରେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଜୁଏଲ କହିଛନ୍ତି। ଏପରି କି ଓଡ଼ିଶାରେ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢ଼ିବୁ। ଏଥିରେ ସନ୍ଦେହ କରିବାର ପ୍ରଶ୍ନ ଉଠୁନାହିଁ। ଆମର ପ୍ରମୁଖ ଲକ୍ଷ୍ୟ ଓଡିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାମିଲ ଶାସନ ଯିବା ଦରକାର। ସେହି ଦିଗରେ ଦଳ କାମ କରୁଛି। ଏ ସମ୍ପର୍କରେ ଆଗରୁ କହିଥିଲି, ଏବେ ବି କହୁଛି ବୋଲି ଜୁଏଲ କହିଛନ୍ତି।

**■ ବଳରାମପୁର ଗଛକଟା ପ୍ରସଙ୍ଗରେ ଏନ୍‌ଜିଟି ଛାଟ**

## ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁରଠାରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ସେଠାରେ ଶତାଧିକ ଗଛ କାଟି ଦିଆଗଲା। ଏହାକୁ ନେଇ ଜନଆନ୍ଦୋଳନ ଉଗ୍ରରୂପ ନେବାରୁ ରାଜ୍ୟ ସରକାର ପ୍ଲାଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ। ବର୍ତ୍ତମାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଛାଟ ପଡ଼ିଛି। ଗଛକଟାରେ ଜଙ୍ଗଲ ଆଇନ ୧୯୮୦ର ଖୋଲା ଉଲ୍ଲଂଘନ ହୋଇଥିବା ଏନ୍‌ଜିଟି କହିଛନ୍ତି। କେଉଁ ପରିସ୍ଥିତିରେ ଶତାଧିକ ମୂଲ୍ୟବାନ ଗଛ କାଟିଦିଆଗଲା ସେନେଇ ଆସନ୍ତା ଜାନୁୟାରୀ ୨୧ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ☞ପୃଷ୍ଠା–୧୧







ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମାନ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସମେତ ଅଭିନେତା ଶାହରୁଖ୍ ଖାନ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ହକି ବିଶ୍ୱକପ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ସୋମବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ଉପସ୍ଥିତ ରହି ଏପରି ଏକ ଆୟୋଜନରେ ଅଭିଭୂତ ହୋଇଥିଲେ। ଆଖି ଝଲସାଇଦେବାଭଳି କାର୍ଯ୍ୟକ୍ରମର ମୁଖ୍ୟ ନାୟିକା ସାଜିଥିଲେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ସେ ପୃଥିବୀ ମାତା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଭିନେତା ଶାହରୁଖ ଖାନ ଏବଂ ବିଶ୍ୱର ଅନ୍ୟତମ ☞ପୃଷ୍ଠା–୧୧

## ନୃତ୍ୟଗୀତରେ ଚମକିଲା କଳିଙ୍ଗ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଇତିହାସ ରଚିଲା କଳିଙ୍ଗ ଷ୍ଟାଡିୟମ୍। ତୃତୀୟଥର ପାଇଁ ଭାରତରେ ହକି ବିଶ୍ୱକପ୍‌ର ଆୟୋଜକ ହେବାର ସୌଭାଗ୍ୟ ଅର୍ଜନ କଲା ଭୁବନେଶ୍ୱର। ତାରକା ଖଚିତ ସନ୍ଧ୍ୟାରେ ୧୬ଟି ରାଷ୍ଟ୍ରର କ୍ରୀଡାବିତ୍ ଓ ଦର୍ଶକଙ୍କୁ ସ୍ୱାଗତ କଲା ଓଡ଼ିଶା। ଆତସବାଜି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରୁ ପଡ଼ିଲା ହକି ମହାକୁମ୍ଭର ଶୁଭ୍ ଉଦ୍‌ଘାଟନୀ। ସାରା ବିଶ୍ୱ ଦେଖିଲା ଓଡ଼ିଶା କଳା, ସଂସ୍କୃତି ଓ ଐତିହ୍ୟର ଝଲକ। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିଭିନ୍ନତା ମଧ୍ୟରେ ଥିବା ଏକତା ପ୍ରତିଫଳନ ହେଲା କଳିଙ୍ଗ ଷ୍ଟାଡିୟମ୍‌ରେ। ୧୧୦୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀଙ୍କ ସହ ଏ.ଆର୍. ରହମନ୍, ଶାହରୁଖ ଖାନ୍ ଓ ମାଧୁରୀ ଦୀକ୍ଷିତଙ୍କ ଭଳି ଖ୍ୟାତନାମା ସେଲିବ୍ରିଟି ଏହି ବିଶ୍ୱସ୍ତରୀୟ ଇଭେଣ୍ଟକୁ ଦେଲେ ଏକ ସଫଳ ନାମ। ହକି ପାଇଁ ସ୍ପନ୍ଦିତ ହେଲା ସମସ୍ତଙ୍କ ହୃଦୟ। କ୍ଲାସିକାଲ୍‌ରୁ ୱେଷ୍ଟର୍ନ, ☞ପୃଷ୍ଠା–୧୧

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ମହମ୍ମଦ ଅଜିଜ୍‌ଙ୍କ ପରଲୋକ



ମୁମ୍ବାଇ,୨୭।୧୧

ଲୋକପ୍ରିୟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ ହୋଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। 'ମାଇଁ ନେମ୍ ଇଜ୍ ଲଖନ୍', 'ଆପ୍ କେ ଆ ଜାନେ ସେ', 'ଦିଲ୍ ଲେ ଗୟି ତେରି ବିନ୍ଦିୟା' ଭଳି ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିଥିବା ଅଜିଜ୍ ମଙ୍ଗଳବାର ଅପରାହ୍ନ ୩ଟା ୧୭ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇସ୍ଥିତ ନାନାବତୀ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ଫିଲ୍ମରେ ୨୦,୦୦୦ରୁ ଅଧିକ ଗୀତରେ ସେ କଣ୍ଠଦାନ କରିଛନ୍ତି। ସେ ମଧ୍ୟ ଅନେକ ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

ଭୁବନେଶ୍ୱରରେ ବିଶ୍ୱ

**ଆଜିର ମନ୍ତବ୍ୟ**

"ବଂଶବାଦ ଉପରେ ବିଶ୍ୱାସ ରଖୁଥିବା କଂଗ୍ରେସ ସାଙ୍ଗିଆକୁ 'ରାଜନୈତିକ ବ୍ରାଣ୍ଡ' ଭାବେ ଧରିନେଇଛି ।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

# ଟିକିରା, ବ୍ରାହ୍ମଣୀରେ ମିଶିଲା ଏନ୍‌ଟିପିସି ପାଉଁଶ ପାଣି

ତାଳଚେର/କଣିହାଁ, ୨୭।୧୧ (ନି.ପ୍ର.)

କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ପାଉଁଶ ପୋଖରୀରୁ ମଙ୍ଗଳବାର ପ୍ରବଳ ମାତ୍ରାରେ ପାଉଁଶ ମିଶା ପାଣି ଟିକିରା ଦେଇ ବ୍ରାହ୍ମଣୀ ନଦୀରେ ମିଶିଛି। ଏହାକୁ ନେଇ ଅଞ୍ଚଳବାସୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏପରି ପାଉଁଶ ପାଣି ମିଶି ନଦୀ ଜଳକୁ ଦୂଷିତ କରୁଥିଲେ ହେଁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ବୋପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୀରବତା ଆଶ୍ଚର୍ଯ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କିଛି ଦିନ ହେଲା ଏନ୍‌ଟିପିସି ପାଉଁଶ ପୋଖରୀର ଉଦ୍‌ବୃତ୍ତ ପାଉଁଶ ପାଣି ବାଙ୍ଝୁଳି ନାଳ ଦେଇ ପ୍ରବାହିତ ହେଉଥିଲା। କିନ୍ତୁ ସୋମବାର ରାତିରୁ ଏହା ପ୍ରବଳ ମାତ୍ରାରେ ଟିକିରା ଓ ବ୍ରାହ୍ମଣୀ ନଦୀରେ ମିଶୁଛି। ଫଳରେ ଉଭୟ ନଦୀର ଜଳ ପ୍ରଦୂଷିତ ହେଉଛି। ଟିକିରା ନଦୀକୂଳ ବଣଭୋଜି ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଡିସେମ୍ବର, ଜାନୁୟାରୀରେ ଏଠାକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି। କିନ୍ତୁ ନଦୀ ପାଣି ଦୂଷିତ ହେଉଥିବାରୁ ଆଉ ପୂର୍ବ ଭଳି ଲୋକେ ବଣଭୋଜି ପାଇଁ ନଦୀପଠାକୁ ଆସୁନାହାନ୍ତି। ଏପରି କି ଆସୁଥିବା ଲୋକମାନେ ସାଥିରେ ପାଣି ଧରି ଆସୁଥିବା ଦେଖାଯାଉଛି। ଟାକୁଆ ଗ୍ରାମର ଲକ୍ଷ୍ମୀଧର ସେଠୀ କୁହନ୍ତି, ବର୍ଷବର୍ଷ ଧରି ଏପରି ସମସ୍ୟାର ସମ୍ମୁଖୀନ ହେଉଛୁ। ଗ୍ରାମର ୨ଜଣ ଅଜଣା ରୋଗର ଶିକାର ହୋଇଛନ୍ତି। ଶ୍ରୀଧର ସାହୁ କହିଛନ୍ତି, ପାଉଁଶ ମିଶା ନଦୀ ପାଣିରେ ଗାଧୋଇବା ଦ୍ୱାରା ଦେହ କୁଣ୍ଡେଇ ହେବା ସହ ଫୋଟକା ହୋଇଯାଉଛି। ବେଳେ ବେଳେ ପାଉଁଶ ପାଣି ଗ୍ରାମ ଡ୍ରେନ ଦେଇ ପ୍ରବାହିତ ହେଉଛି। ଟୋଲକବେଡା ଲକ୍ଷ୍ମୀ ନାରାୟଣ ୟୁଥ୍ କ୍ଲବ ସଭାପତି ସୌରଭ ପ୍ରଧାନ କୁହନ୍ତି, ଟିକିରା ନଦୀକୂଳବାସୀ ପ୍ରଦୂଷଣର ଶିକାର ହେଉଛନ୍ତି। ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ। କଣିହାଁ ବଜାର ବାସିନ୍ଦା କର୍ଣ୍ଣକୁମାର ଭୂତିଆ କୁହନ୍ତି, ଟାକୁଆର ପାଣି ଏଭଳି ହୋଇଛି ଯେ ଗୋରୁ ମଧ୍ୟ ଆଉ ମୁହଁବୁଡ଼ାଉ ନାହାନ୍ତି।



ଟିକିରା ନଦୀରେ ମିଶୁଥିବା ଏନ୍‌ଟିପିସି ପାଉଁଶ ପାଣି।

ସମସ୍ୟା ସମ୍ପର୍କରେ ଏନ୍‌ଟିପିସି ଅଧିକାରୀ ଏଲ.ଡି. ସାହୁ କହିଛନ୍ତି, ବେଳେ ବେଳେ ସ୍ଥାନ ଅଭାବରୁ ଅସହାୟ ହୋଇପଡୁଛୁ। ନଦୀକୁ ପାଣି ଯିବା କ୍ଷଣି ପ୍ରତିକାର ବ୍ୟବସ୍ଥା କରାଯାଉଛି। ଏବେ ଉକ୍ତ ପାଉଁଶ ମିଶା ପାଣିକୁ ବନ୍ଦକରି ଦିଆଯାଇଛି। ☞ପୃଷ୍ଠା–୧୧

27.11.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers

# ତାଡିଲେ ଜମାକାରୀ, ଏଜେଣ୍ଟ୍

ବ୍ରହ୍ମପୁର ଅଫିସ୍,୨୭।୧୧

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଜିଏଲପି (ଗୋଲଡେନ୍ ଲ୍ୟାଣ୍ଡ ପ୍ରମୋଟର୍ସ) ଲିଃର ବ୍ରହ୍ମପୁରରେ ରହୁଥିବା ଆର୍‌ଏମ୍ (ରିଜିଓନାଲ୍ ମ୍ୟାନେଜର୍ କମ୍ ଓଡିଶା ଷ୍ଟେଟ୍ ଡାଇରେକ୍ଟର) ରମେଶ ପାତ୍ରଙ୍କ ଘର ସମ୍ମୁଖରେ ମଙ୍ଗଳବାର ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜମାକାରୀ ଓ ଏଜେଣ୍ଟ ଧାରଣା ଦେବା ସହିତ ହୋହଲ୍ଲା କରିଥିଲେ। ଲୋକେ କିଛି ସମୟ ଧରି ଉତ୍ତେଜିତ ହୋଇ ଘର ଉପରକୁ ଢେଲା, ପଥର ମାଡ କରିଥିଲେ। ପଥର ମାଡରେ ଝରକା କାଚ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ୬ ଏଜେଣ୍ଟ ଆର୍‌ଏମଙ୍କ ଘରକୁ ଯାଇ ଆଲୋଚନା କରି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଜମାକାରୀ ଓ ଏଜେଣ୍ଟମାନେ ସେଠାରେ ହରତାଳ କରିବା ପରେ ନିରାଶ ହୋଇ ଫେରି ଯାଇଥିଲେ।



ଆର୍‌ଏମ୍ ରମେଶ ପାତ୍ରଙ୍କ ଘର ସମ୍ମୁଖରେ ଜମାକାରୀ ଓ ଏଜେଣ୍ଟମାନେ ପାଟିତୁଣ୍ଡ କରୁଛନ୍ତି।

ପ୍ରକାଶଯେ, ୧୯୮୮ରୁ ଏହି କମ୍ପାନୀ ଆରମ୍ଭ ହୋଇ ୧୯୯୦ରେ ଓଡିଶାରେ ପ୍ରଥମ ପ୍ରବେଶ କରିଥିଲା। ଜମାକାରୀଙ୍କୁ ବିଭିନ୍ନ ସ୍କିମ୍ ମାଧ୍ୟମରେ ପ୍ରଲୋଭନ ଦେଖାଇ ୫୬୭ କୋଟି ଟଙ୍କାର ଠକି ନେଇଥିଲା। ପରବର୍ତ୍ତୀ ସମୟରେ ୨୦୧୩, ମେ ୧୦ ତାରିଖରେ ସମସ୍ତ ବ୍ରାଞ୍ଚଗୁଡ଼ିକରେ ଚଢ଼ାଉ କରାଯାଇ ସିଲ୍ କରାଯାଇଥିଲା। ମାମଲାରେ ଆର୍‌ଏମ୍ ରମେଶ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ମାସ ପରେ ସେ ଜାମିନରେ ଆସି ବ୍ରହ୍ମପୁର ମୟୂର ବିହାର ଚତୁର୍ଥ ଲେନ୍‌ରେ ରହୁଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କୌଣସି ନିଷ୍କର୍ଷ ବାହାରି ନ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅର୍ଥ ଫେରସ୍ତ ଦାବି କରି ଆସୁଛନ୍ତି। ଉଭୟ ଏଜେଣ୍ଟ ଓ ଜମାକାରୀ। ଅର୍ଥନୈତିକ ଅପରାଧ ବିଭାଗ ପକ୍ଷରୁ କମ୍ପାନୀର ସମସ୍ତ ସମ୍ପତ୍ତି ଜବତ କରାଯାଇ ନ ଥିବା ବେଳେ କେବଳ ୩୦ରୁ ୪୦ ପ୍ରତିଶତ ଭାଗ ଜବତ କରାଯାଇଥିବା ଏଜେଣ୍ଟ ଓ ଜମାକାରୀମାନେ କହିଛନ୍ତି। ସମ୍ପୂର୍ଣ୍ଣ ସମ୍ପତ୍ତି ଜବତ ହୋଇ ନ ଥିବାରୁ କମ୍ପାନୀ ଆର୍‌ଏମ୍ ପାତ୍ର ଏବଂ ତାଙ୍କ ସହଯୋଗୀମାନେ କମ୍ପାନୀ ନାମରେ ରହିଥିବା ବିଭିନ୍ନ ସମ୍ପତ୍ତି ଚଞ୍ଚକତା କରି ନିଜ ନାମରେ କରାଇ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି ।

**■ ଆର୍‌ଏମ୍‌ଙ୍କ ଘର ସାମ୍ନାରେ ଧାରଣା, ପଥର ମାଡ଼**

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ–ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୮୫୦/୯୪୩୯୬୮୩୯୯୯)

ଦୂରଭାଷ: ୦୬୮୪–୨୫୮୦୧୦୧/୨୫୪୯୩୦୨



ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରର ବିଫଳତାରୁ ଲୋକଙ୍କ ଧାନ ହଟାଇବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ ନିର୍ବାଚନ ପ୍ରଚାର ବେଳେ ନିଜକୁ ପୀଡ଼ିତ ଭାବେ ଦର୍ଶାଉଛନ୍ତି।

-ମନୀଷ ତିୱାରୀ, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ୨୬/୧୧ ଆକ୍ରମଣ
### ଭାରତୀୟଙ୍କ ସହ ଆମେରିକା



ୱାଶିଂଟନ,୨୭।୧୧(ପି.ଟି.): ୨୬/୧୧ ମୁମ୍ବାଇ ଆକ୍ରମଣକୁ ଦଶବର୍ଷ ପୂରିଛି। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ଆମେରିକା ଭାରତୀୟଙ୍କ ସହିତ ରହିଛି। ଏହି ଆକ୍ରମଣର ଦଶମ ବାର୍ଷିକୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା କହିଛନ୍ତି। ଲଶ୍କର-ଇ-ତୋଇବାର ୧୦ ଆତଙ୍କବାଦୀ ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ଆକ୍ରମଣ କରିଥିଲେ। ଏଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାକୁ ୧୦ ବର୍ଷ ବିତିଥିଲେ ମଧ ଏପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ସେମାନେ ଯେପରି ନ୍ୟାୟ ପାଇପାରିବେ ଏଥିପାଇଁ ଆମେରିକା ସର୍ବଦା ଭାରତ ପାଖରେ ଛିଡା ହୋଇଛି । ଆତଙ୍କବାଦୀଙ୍କୁ କଦାପି ଜିତିବାକୁ ଦିଆଯିବ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି।

### [ଇତିହାସର ଆଇନାରେ]
### ନଭେମ୍ବର ୨୮ର ପ୍ରମୁଖ ଘଟଣା

୧୯୭୧ ନଭେମ୍ବର ୨୮ରେ ଜୋର୍ଡାନ ପ୍ରଧାନମନ୍ତ୍ରୀ ୱାସ୍‌ଫି ଅଲ୍-ଟାଲ୍‌ଙ୍କୁ ହତ୍ୟା କରାଯାଇଥିଲା। ପାଲେଷ୍ଟାଇନ୍ ଲିବରେଶନ୍ ଅର୍ଗାନାଇଜେଶନର 'ବ୍ଲାକ୍ ସେପ୍ଟେମ୍ବର' ୟୁନିଟ୍ ଏହି ହତ୍ୟାକାଣ୍ଡ ଭିଆଇଥିଲେ।

୧୯୧୯ ନଭେମ୍ବର ୨୮ରେ ନାନ୍ସି ୱିଚର୍ ଲାଙ୍ଗହର୍ନ ଆଷ୍ଟର୍ ପ୍ରଥମ ମହିଳା ଭାବେ ବ୍ରିଟେନ୍ ପାର୍ଲାମେଣ୍ଟକୁ ଯାଇଥିଲେ। ନିର୍ବାଚନରେ ପ୍ଲାଏମାଉଥ୍ ଆସନରୁ ବିଜୟୀ ହେବା ପରେ ସେ ବ୍ରିଟେନ୍ ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍ସର ସଦସ୍ୟା ଭାବେ ସ୍ଥାନ ପାଇଥିଲେ।

## କେନ୍ଦ୍ର ଚାହୁଁଥିଲା କଶ୍ମୀରରେ ଯୋଗାଡ଼ିଆ ସରକାର

# ଧରାପଡ଼ିଲା ଭିତିରି ଚାଲ୍

ଶ୍ରୀନଗର,୨୭।୧୧

ମୁଁ କେନ୍ଦ୍ର ସରକାରଙ୍କ କଥା ଶୁଣିଥିଲେ ପିପୁଲ୍ସ କନ୍‌ଫରେନ୍ସ (ପିସି) ଅଧକ୍ଷ ସଜାଦ୍ ଲୋନ୍ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। କିନ୍ତୁ ମୁଁ ଦିଲ୍ଲୀର କଥା ଶୁଣିନାହିଁ କି ସେପରି କିଛି କରିନାହିଁ। ଯାହା ବି କରିଛି ଠିକ୍ କରିଛି। ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ୍ ଏପରି ଦାବି କରିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ୟାମେରାରେ କଏଦ୍ ହେବା ପରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏଥିରୁ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାରଙ୍କ ଭିତିରି ଚାଲ୍ ଧରାପଡ଼ିଯାଇଛି।

ସପ୍ତାହେ ତଳର କଥା। ଜମ୍ମୁ-କଶ୍ମୀରରେ ମେଣ୍ଟ ସରକାର ଗଠନ ପାଇଁ ପୁଣିଥରେ ହୋଇଥିଲା ଜୋର୍‌ଦାର ଉଦ୍ୟମ। ଗୋଟିଏ ପଟେ କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସମର୍ଥନରେ ସରକାର ଗଢ଼ିବାକୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧକ୍ଷା ମେହବୁବା ମୁଫ୍‌ତି ୨୧ ତାରିଖରେ ରାଜ୍ୟପାଳଙ୍କ ନିକଟକୁ ପତ୍ର ଲେଖି ଦାବି ଜଣାଇଥିଲେ। ପିଡିପିର ୨୯, ଏନ୍‌ସିର ୧୫ ଓ କଂଗ୍ରେସର ୧୨ ସଦସ୍ୟଙ୍କ ସମର୍ଥନକ୍ରମେ ମେଣ୍ଟର ବିଧାୟକ ସଂଖ୍ୟା ୫୬ରେ ପହଞ୍ଚିଥିବାରୁ ସରକାର ଗଠନ ଲାଗି ସୁଯୋଗ ଦିଆଯାଉ ବୋଲି ମେହବୁବା ଏଥିରେ ଦାବି କରିଥିଲେ। ସେପଟେ ଭାଜପାର ୨୫ ଓ ଅନ୍ୟ ଦଳର ୧୮ ବିଧାୟକଙ୍କ ସମର୍ଥନ ସହ ରାଜ୍ୟପାଳଙ୍କ ନିକଟରେ ଅନୁରୂପ ଦାବି ଜଣାଇଥିଲେ ପିସି ନେତା ସଜାଦ୍ ଲୋନ୍। ମେହବୁବାଙ୍କ ନିଜ ପତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଇବାବେଳେ ରାଜଭବନର ଫ୍ୟାକ୍ସ ମେଶିନ୍ କାମ କରି ନ ଥିଲା। ଏହାକୁ ନେଇ ବିବାଦ ଉଠିଥିଲା। ଉଭୟ ପକ୍ଷରୁ ସରକାର ଗଠନ ଲାଗି ଦାବି ଉଠିବା ପରେ ଘୋଡ଼ାବେପାରର ଆଳ ଦେଖାଇ ଓ ବିଷମ ଜାତୀୟ ଦଳର ସରକାର ଗଠନ ହେଲେ ସ୍ଥାୟୀ ହୋଇ ରହିପାରିବ ନାହିଁ ଦର୍ଶାଇ ରାଜ୍ୟପାଳ ସେହି ରାତିରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରିଦେଇଥିଲେ। ଏହି ନାଟକୀୟ ଘଟଣାକ୍ରମକୁ ନେଇ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ସପ୍ତାହେ ପରେ ରାଜ୍ୟପାଳଙ୍କ ଏକ ମନ୍ତବ୍ୟର ଭିଡିଓର କିଛି ଅଂଶ ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ଆଇଟିଏମ୍ ଛାତ୍ରୀଛାତ୍ରଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ସତ୍ୟପାଲ କହିଥିଲେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମାନିଥିଲେ ସେ ଲୋନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇଥାନ୍ତେ। ସେ ଲୋନ୍‌ଙ୍କୁ ସୁଯୋଗ ଦେଇଥିଲେ ଇତିହାସରେ ଜଣେ ବେଇମାନ ଲୋକ ଭାବେ ପରିଗଣିତ ହୋଇଥାନ୍ତେ। କିନ୍ତୁ ସେ ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପରେ ସରକାର ଗଠନର ଦ୍ୱାର ବନ୍ଦ କରିଦେଇଥିଲେ। ଯିଏ ତାଙ୍କ ବିରୋଧରେ ଯାହା କହୁଛି କହୁ। ସେ ଯାହା କରିଛନ୍ତି ତାହା ନିର୍ଭୁଲ ନିଷ୍ପତ୍ତି ବୋଲି ରାଜ୍ୟପାଳ କହିଛନ୍ତି। ବିରୋଧୀ ରାଜ୍ୟପାଳଙ୍କୁ କେନ୍ଦ୍ର ସରକାରଙ୍କ ହାତ କଣ୍ଢେଇ ବୋଲି ଅଭିହିତ କରୁଥିବାବେଳେ ତାଙ୍କର ଏହି ମନ୍ତବ୍ୟ ସାମ୍ନାକୁ ଆସିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଜମ୍ମୁ-କଶ୍ମୀରରେ ଯେନତେନ ପ୍ରକାରେ ଯୋଗାଡ଼ିଆ ସରକାର ଗଠନ ହେଉ ବୋଲି କେନ୍ଦ୍ର ଚାହୁଁଥିଲା। କାରଣ ଲୋନ୍‌ଙ୍କ ନିକଟରେ ସଂଖ୍ୟାଗରିଷ୍ଠ ବିଧାୟକଙ୍କ ସମର୍ଥନ ନ ଥିଲା।

ସୂଚନାଯୋଗ୍ୟ ଯେ, ପିଡିପି ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ଜୁନ୍ ୧୯ରେ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା। ଡିସେମ୍ବର ୧୯ରେ ରାଜ୍ୟପାଳ ଶାସନ ଅବଧି (୬ ମାସ) ପୂରିବାକୁ ଥିବାବେଳେ ଏହାପୂର୍ବରୁ ପିଡିପି-ଏନ୍‌ସି ଏବଂ କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଅଣ୍ଟାଭିଡ଼ିଥିଲେ। ଭାଜପା ଓ କେନ୍ଦ୍ର ସରକାରଙ୍କ ଚାଲ୍ ଯୋଗୁ ଶେଷ ମୁହୂର୍ତ୍ତରେ ମେଣ୍ଟ ସରକାର ଗଠନ ଉଦ୍ୟମ ଭଣ୍ଡୁର ହୋଇଯାଇଥିଲା। ତେଣୁ କେନ୍ଦ୍ରର ଇଙ୍ଗିତରେ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରିଦେଇଥିବା ଏଥିରୁ ସ୍ପଷ୍ଟ ହେଉଛି କଂଗ୍ରେସ କହିଛି। ରାଜ୍ୟପାଳ କେନ୍ଦ୍ରର କଥାକୁ ଗୁରୁତ୍ୱ ଦେଇ ନ ଥିବାରୁ ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ଏବଂ ଏନ୍‌ସି ଉପାଧକ୍ଷ ଓମାର ଅବ୍‌ଦୁଲ୍ଲା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମୁଁ କେନ୍ଦ୍ରର କଥା ମାନିଥିଲେ ସଜାଦ୍ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ: ରାଜ୍ୟପାଳ



ସତ୍ୟପାଲ ମଲିକ



ସଜାଦ୍ ଲୋନ୍

### ଆତଙ୍କବାଦୀ ଥିଲେ, ଶହୀଦ ହେଲେ



ନାଜିର ଅହମଦ ୱାନି

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀର ସୋପିଆନ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଆତଙ୍କବାଦ ନିରୋଧୀ ଅପରେଶନ ବେଳେ ଲାନ୍ସ ନାଏକ ନାଜିର ଅହମଦ ୱାନି ଶହୀଦ ହୋଇଥିଲେ। ୱାନି ଏକଦା ଜଣେ ଆତଙ୍କବାଦୀ ଥିଲେ। ଆତ୍ମସମର୍ପଣ ପରେ ସେ ସେନାରେ ଯୋଗଦେଇଥିଲେ। ଜଣେ ଦୁଃସାହସୀ ଯବାନ ଭାବେ ପରିଚିତ ନାଜିର ବୀରତା ଲାଗି ୨୦୦୭ରେ ଏବଂ ଚଳିତ ବର୍ଷ ଅଗଷ୍ଟରେ ସେନା ମେଡାଲରେ ସମ୍ମାନିତ ହୋଇଥିଲେ। କୁଲଗାମ୍ ଜିଲାର ଆତଙ୍କବାଦୀ ଅଧ୍ୟୁଷିତ ଚେକି ଅଶମୁଜି ଗ୍ରାମରେ ତାଙ୍କ ଘର। ୨୦୦୪ରେ ସେ ସେନାର ୧୬୨ ବାଟାଲିୟନରେ ଯୋଗଦେଇଥିଲେ। ସୋମବାର ତାଙ୍କ ମରଶରୀର ଜନ୍ମସ୍ଥାନରେ ପହଞ୍ଚିବା ପରେ ୨୧ ତୋପସଲାମୀ ସହିତ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମ୍ ଓ ପୁଲୱାମା ଜିଲାରେ ମଙ୍ଗଳବାର ପୃଥକ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। କୁଲଗାମ୍ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୨ ଜଣ ଏବଂ ପୁଲୱାମାରେ ଆଇଏସ୍‌ଆଇଏସ୍‌ର ଶାଖା ସଙ୍ଗଠନ ଅନ୍‌ସାର ଘଜୱାତୁଲ ହିନ୍ଦ୍‌ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ କୁଲଗାମ୍‌ର ରେଡୱାନି ଅଞ୍ଚଳରେ ଆତ୍ମଗୋପନ କରିଥିବା ଖବର ପାଇବା ପରେ ସୁରକ୍ଷା ବଳ ସୋମବାର ରାତିରୁ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ବେଳେ ୩ ଜଣ ଯବାନ ଆହତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଶହୀଦ ଯବାନ ଜଣକ ହେଲେ ସାପେର ପ୍ରକାଶ ଯାଦବ। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ନିହତ ଆତଙ୍କବାଦୀ ହେଲେ ଆଜାଦ ଅହମଦ ମାକ୍‌ରୁ ଏବଂ ୱାରିସ ଅହମଦ ମଲିକ। ଏମାନେ ବିଭିନ୍ନ ଆକ୍ରମଣରେ ସମ୍ପୃକ୍ତ ଥିଲେ। ମକ୍‌ରୁ ଏଲଇଟି କମାଣ୍ଡର ନଭିଦ ଜାଟ ଏବଂ ଆଜାଦ ଦାଦାଙ୍କ ଘନିଷ୍ଠ ସହଯୋଗୀ। ସେହିପରି ପୁଲୱାମାର ତ୍ରାଲ ଏନ୍‌କାଉଣ୍ଟରରେ ନିହତ ଆତଙ୍କବାଦୀ ଅନ୍‌ସାର ଘଜୱାତୁଲ ହିନ୍ଦ୍ ସଙ୍ଗଠନର ଶାକିର ହାସାନ ।

# ଫିଟୁନି ସମାଧାନ ବାଟ

ଥିରୁଭାନନ୍ଥପୁରମ୍,୨୭।୧୧(ପି.ଟି.)



ରେହାନା ଫାଥିମା

**ସାବରିମାଳା ବିବାଦ**

- ବେସରକାରୀ ବିଲ୍ ଖାରଜ କଲେ କେରଳ ବାଚସ୍ପତି
- ରେହାନା ଫାଥିମା ଗିରଫ

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ମହିଳାଙ୍କ ଦର୍ଶନକୁ ନେଇ ଲାଗିରହିଥିବା ବିବାଦ ତୁଟୁନାହିଁ। ସମସ୍ୟାର ସମାଧାନ ଲାଗି ଏକ ବିଧେୟକ ଆଣିବାକୁ କଂଗ୍ରେସ ବିଧାୟକ ଏମ୍. ଭିନ୍‌ସେଣ୍ଟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହି ବେସରକାରୀ ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁମତି ଦେଲେ ନାହିଁ ବାଚସ୍ପତି ପି. ଶ୍ରୀରାମକ୍ରିଷ୍ଣନ୍। ଭଗବାନ ଆୟାପ୍ପାଙ୍କ ଭକ୍ତଙ୍କୁ ପୃଥକ୍ ଧର୍ମୀୟ ଗୋଷ୍ଠୀ ଭାବେ ପରିଗଣିତ କରିବା ସହ ସେମପାଙ୍କ ପ୍ରଥା ଓ ପରମ୍ପରା ରକ୍ଷା ଲାଗି ନୂଆ ଆଇନ ଆଣିବା ପାଇଁ ଏଲ୍‌ଡିଏଫ୍ ସରକାର ଚିନ୍ତା କରନ୍ତୁ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି। କିନ୍ତୁ ଏ ସଂକ୍ରାନ୍ତ ବିଲ୍ ଆଣିବା ଅସାମ୍ବିଧାନିକ ବୋଲି ଆଇନ ବିଭାଗ ପରାମର୍ଶ ଦେବା ପରେ ତାହା ଖାରଜ ହୋଇଯାଇଥିବା ବାଚସ୍ପତିଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ସବୁ ବୟସର ମହିଳାଙ୍କୁ ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଅନୁମତି ମିଳୁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ତାହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟର ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ବିରୋଧ ସମ୍ମୁଖୀନ ହେଉଛନ୍ତି। ଗତମାସ ସାବରିମାଳା ମନ୍ଦିରକୁ ପ୍ରବେଶ ଲାଗି ଉଦ୍ୟମ କରିଥିବା ସାମାଜିକ କର୍ମୀ ରେହାନା ଫାଥିମାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଫେସ୍‌ବୁକ୍‌ରେ ବିବାଦୀୟ ପୋଷ୍ଟ କରି ସେ ଲୋକଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଥିବା ସେ ଦର୍ଶାଇଛନ୍ତି। ସେପଟେ ସାବରିମାଳା ବିବାଦକୁ ନେଇ ଭାଜପା ପକ୍ଷରୁ ମଙ୍ଗଳବାର ପଣ୍ଡିଚେରୀରେ ବନ୍ଦ ପାଳନ ହୋଇଥିଲା।





T-Shirts . Sweatshirts . Sweaters . Jackets . Shirts . Denims . Trousers . Tracksuits . Thermals . Lowers . Footwear

EXCL. SHOWROOMS AT BHUBANESHWAR: 1st Floor, Unit 2 Kesari Mall | Pall Height Mall | Ravi Talkies Square | Bajarang Vihar, Patia | 109, Forum Mart Mall JAJPUR: Jajpur Rd. CUTTACK: B.K. Rd. | Darga Bazar BERHAMPUR: Urban Bank Rd. | Telephone Bhavan Rd. | Kampali Square, Mahabali Mkt. BARBIL: Rabi Sons Mall, Main Rd. ANGUL: Shanti Bazar BARIPADA: Gandhi Mkt. BHADRAK: Salandi-Bye Pass ROURKELA: Udit Nagar, Main Rd. BOLANGIR: Sri Kunj Complex, Ramji Rd. | Main Rd. BALASORE: Opp. Convent school, Vivekanand Marg SUNDERGARH: Megha Malhar, Mission Rd. DEOGARH: Traffic Chowk JATNI: Main Rd., Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Nr. Bus Stand TALCHER: Hatatota. | ALSO AT ALL LEADING STORES. visit us at: www.dukeindia.com

FOR SHOWROOM ENQ. REQUIRED AT: Jharsuguda, Kantabanji, Sambalpur, Bhubaneshwar, Bhawanipatna, Bargarh, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani. Contact: 93372-67083, 9855588080 | Follow us on:

at: SHOP ONLINE dukeindia.com MYNTRA JABONG Flipkart snapdeal amazon.in TATA CLiQ AJIO Paytm TRENDS Footwear Store at TALCHER: Go Stteps, Sharma Chakk / Auth. Distributor For Footwear: M/s Ram Ji Enterprises, M: 9437006984









## ■ ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ,୨୭।୧୧**

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ସାଢେ ୪ଟାରୁ ରାତି ସାଢେ ୮ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

# ଓଟିଇଟି ଦେବେ ଅଣତାଲିମପ୍ରାପ୍ତ ଶିକ୍ଷକ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ସିଟି ଏବଂ ବି.ଏଡ୍ ତାଲିମ ନ ନେଇ ଶିକ୍ଷକତା କରୁଥିବା ଶିକ୍ଷକମାନେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ(ଏନଆଇଓଏସ୍)ରେ ଡି.ଇ.ଏଲ୍.ଇଡି. ପ୍ରଶିକ୍ଷଣ ନେଉଥିଲେ ସେମାନଙ୍କୁ ଓଟିଇଟି ଦେବାକୁ ପଡିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ବିଭାଗୀୟ ଯୁଗ୍ମ ସଚିବ ହରେକୃଷ୍ଣ ନାୟକ ଏ ନେଇ କଟକ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ଗତ ୨୪ ତାରିଖରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଣତାଲିମପ୍ରାପ୍ତ ଶିକ୍ଷକମାନେ ଏନ୍‌ଆଇଓଏସ୍‌ରେ ତାଲିମ ନେଉଥିଲେ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଓଟିଇଟି ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଆବେଦନ କରିବାର ଶେଷ ତାରିଖ ଆଗାମୀ ଡିସେମ୍ବର ୧୦ ତାରିଖକୁ ବୃଦ୍ଧି କରାଯାଇଛି। ଏନ୍‌ଆଇଓଏସ୍‌ରେ ତାଲିମ ନେଉଥିବା ଶିକ୍ଷକ ସଂସ୍ଥାରୁ ଏକ ସାର୍ଟିଫିକେଟ ଦେଖାଇବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

## ■ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ଋଣ ବୋଝ

# ସଂସଦୀୟ କମିଟି ଯାଞ୍ଚ କରିବେ

**ନୂଆଦିଲ୍ଲୀ,୨୭।୧୧:** ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ଗ୍ରୁପ୍ ସମ୍ପର୍କରେ ସମୀକ୍ଷା କରିବେ। ଡିସେମ୍ବର ୩ରୁ ତିନି ଦିନ ପାଇଁ ଏହା ଚାଲିବ। ସୂଚନାଥାଉ କି, ଏକାଧିକ ଥର ସୁଧ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏନ୍‌ସିଏଲ୍‌ଟିଙ୍କ ନିର୍ଦ୍ଦେଶରେ ଅକ୍ଟୋବର ପହିଲାରେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ବୋର୍ଡକୁ ଭାଙ୍ଗି ଦେଇ ଟପ୍ ବ୍ୟାଙ୍କର ଉଦୟ କୋଟାକ୍‌ଙ୍କ ଅଧ୍ୟକ୍ଷତାରେ ଏକ ନୂଆ ବୋର୍ଡ ଗଠନ କରିଥିଲେ। ଅକ୍ଟୋବର ୮ ସୁଦ୍ଧା ଉକ୍ତ ଗ୍ରୁପ୍ ଉପରେ ୯୪,୨୧୫.୬ କୋଟି ଟଙ୍କାର ଋଣ ବୋଝ ରହିଛି। ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ସଂସଦୀୟ କମିଟି ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ଅଧିକାରୀ, ବୋର୍ଡ ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଭେଟିବେ ବୋଲି ଜଣାପଡିଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରୀରାମ
ପରିବାରବର୍ଗ


କ୍ରିଷ୍ଣାକୁମାରୀ
ପରିବାରବର୍ଗ


ବିକି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Brahmin boy 1983 service MNC BBSR 16 lakhs/ Annum requires beautiful bride. 9439493111 (Early Marriage). D-64753

Gopal/ Bania groom L&T 29+, Govt. Engineer 28+, Doctor 29+. 8594926181. D-65078

Divorcee groom Bank manager 38, Engineer 31, ONGC 37. 8594926181. D-65079

Khandayat boy 1991, 6', B.Tech (NIT) Manager MNC Delhi. "Sunasansar". 9937512659. D-9687

### GROOM WANTED

Divorcee bride Teacher 38, Station master 41 (caste-no-bar). 7873374269. D-65077

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired senior executive of a PSB. Contact: 9619485527, 9167149844. D-9633

ଭୁବନେଶ୍ୱରର ବ୍ରାହ୍ମଣ ଝିଅ, ୩୪+ B.A. ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-9676

Beautiful Bauri girl 30, 5'4", Software Engineer MNC, Bangalore. 9776562742. D-58012

Wanted service groom for Bhubaneswar based Gopal girl M.A. 5'2" 1990 for early marriage. Contact: 8917209528. D-63926

Groom required for Gudia girl, Comp. Sc. B.Tech, 4'11". DOB: 09.10.1990. Mob: 9778642153, 9861476387. D-9577

Now Matrimonial ads. only on Wednesday & Sunday
Book 1 Get 1 FREE

## classified




### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

1560 sqft. land at Patrapara, Bhubaneswar, Price- 33.5 lakh. 7504392698. D-65197

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area, Price- 77 lakh. 9078151122. D-65198

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65200

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9684

Paint shop for sale at Tamando Indiramaidan, Bhubaneswar. Call: 9230010695, 7790088077, 7008802208. D-60931

Two acres of land available in B.D.A area at Balipatna on Chaka road side. Contact: 9238624459, 9348251575. D-9661

### ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟ ବାର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65202

### ବିବାହ ବାର୍ଷିକୀ ଶୁଭେଚ୍ଛା



ବିଶ୍ୱକଲ୍ୟାଣ ସେନାପତି
ଏବଂ
ବିନୋଦିନୀ ସେନାପତି
ଗୋପ, ଆଳି, କେନ୍ଦ୍ରାପଡ଼ା

ତୁମ ଦୁଇଜଣଙ୍କର ପ୍ରଥମ ବିବାହବାର୍ଷିକ ଉତ୍ସବରେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥ ବହୁତ ବହୁତ ଆଶିଷ ପ୍ରଦାନ କରନ୍ତୁ। ତୁମ ଦୁହିଁଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଏତିକି ବିଶ୍ୱନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ସେନାପତି ପରିବାର ଓ ବନ୍ଧୁବର୍ଗ। ଧ-୯୬୯୫

### ଅଧ୍ୟାପିକାଙ୍କ ପିଏଚ୍.ଡି. ଉପାଧି ପ୍ରାପ୍ତି



ଆସିକା, ୧୯/୧୧- ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପ୍ରଫେସର ଡଃ. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରାଣୀବିଜ୍ଞାନ ଅଧ୍ୟାପିକା **ଶ୍ରୀମତୀ ଯୋଗମାୟା ବେହେରା** ତାଙ୍କର ଗବେଷଣା ନିବନ୍ଧ "Haematological analysis of some avian species of Chilika Wetland" ପାଇଁ ଚଳିତବର୍ଷ ଡକ୍ଟରେଟ ଉପାଧି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ସନ୍ଦର୍ଭଟି ଉତ୍ତରାଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା School of Sciences, IGNOU, New Delhiର ବର୍ତ୍ତମାନର ପ୍ରଫେସର Dr. S.S Hasan ଏବଂ Nilamber Pitamber University, Palamauର ପୂର୍ବତନ କୁଳପତି ତଥା Ranchi University ପ୍ରାଣୀବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର M.Firoz Ahmedଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମତୀ ଯୋଗମାୟା ବେହେରା ବର୍ତ୍ତମାନ ବ୍ରହ୍ମପୁରସ୍ଥିତ ଏସବିଆର ସରକାରୀ ମହିଳା ମହାବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ସେ ଜଳସମ୍ପଦ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ବେହେରା ଏବଂ ଶ୍ରୀମତୀ ଲାବଣ୍ୟବତୀ ବେହେରାଙ୍କ ଜ୍ୟେଷ୍ଠ ପୁତ୍ରବଧୂ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡଃ. ଭାଗୀରଥି ବେହେରା ଓ ଶ୍ରୀମତୀ ଶ୍ରୀପାଦ ମଞ୍ଜରୀ ବେହେରାଙ୍କର ଜ୍ୟେଷ୍ଠକନ୍ୟା ଏବଂ ଆସିକା ଭାରତୀୟ ଜୀବନବୀମା ନିଗମର ସହଶାଖା ସଞ୍ଚାଳକ ଶ୍ରୀ କୈଳାସ ଚନ୍ଦ୍ର ବେହେରାଙ୍କର ଧର୍ମପତ୍ନୀ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ଶ୍ରୀମତୀ ଯୋଗମାୟା ବେହେରା ପିତାମାତା, ଶିକ୍ଷକବୃନ୍ଦ, ବନ୍ଧୁ, ପରିବାରସ୍ୱଜନ ତଥା ପୁତ୍ର ଚିନ୍ତକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଧ-୯୬୯୧

### ଜନ୍ମଦିନ ଶୁଭେଚ୍ଛା



(ବାଟୁ)
ଭବାନୀଶଙ୍କର ପାଣି
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର

ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନିରାମୟ ତଥା ଦୀର୍ଘ ଜୀବନର ପ୍ରାର୍ଥନା କରୁଅଛୁ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭଉଣୀ, ବନ୍ଧୁ ଓ ପରିବାର। ଧ-୯୬୯୪

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଶ୍ରୀରାମ ରାଉତ
ଗ୍ରାମ- ବାରିମୂଳ, ପୋ- ମହୁଲିଆ, ଭାୟା- ବଡମ୍ବା, ଜିଲ୍ଲା- କଟକ

ବାପା- ବସୁଦେବ ରାଉତ, ମା- ଅନୁପମା ରାଉତ, ଜେଜେବାପା- ବିପିନି ରାଉତ, ଜେଜେମା- ମଞ୍ଜୁଳା ରାଉତ, ଦାଦା- ହେମନ୍ତ ରାଉତ, ଅଜା, ଆଈ, ବର୍ଷା ଆଣ୍ଟି, ରିଙ୍କି ଆଣ୍ଟି, ଲିକୁ ମାମୁ। ଧ-୯୬୯୬


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ

ଅଷ୍ଟମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୬୩୭୪୩

### ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତନୀମା ମିଶ୍ର
ସ୍ୱା- ଅରୁଣ କୁମାର ମିଶ୍ର
ରାଧାନାଥପୁର ଶାସନ, ଆଠଗଡ଼, କଟକ
ଆବିର୍ଭାବ: ତା ୨୭।୦୭।୧୯୬୪
ତିରୋଧାନ: ତା ୧୯।୧୧।୨୦୧୮

ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦତଳେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ମିଶ୍ର ପରିବାରବୃନ୍ଦ, ରାଧାନାଥପୁର ଶାସନ, ଆଠଗଡ଼। ଧ-୯୬୪୧

### ଶୋକ ସନ୍ଦେଶ



ସ୍ୱର୍ଗତା ଶାନ୍ତିଦେବୀ ଅଗ୍ରୱାଲ

ଅତ୍ୟନ୍ତ ଦୁଃଖର ସହ ସୂଚିତ କରୁଛୁ ଯେ ଆମର ପୂଜନୀୟା ମାତାଜୀ ଶାନ୍ତି ଦେବୀ ଅଗ୍ରୱାଲ (ପତ୍ନୀ: ସ୍ୱର୍ଗୀୟ ନଥମଲ ଅଗ୍ରୱାଲ) ତା. ୧୭।୧୧।୨୦୧୮ ଶନିବାର ଦିନ ଇହଧାମ ତ୍ୟାଗ କଲେ। ହରି ଇଚ୍ଛା ପ୍ରବଳ। କାର୍ଯ୍ୟକ୍ରମ: ଏକାଦଶାହ: ୨୮।୧୧।୨୦୧୮ (ବୁଧବାର), ଦ୍ୱାଦଶାହ: ୨୯।୧୧।୨୦୧୮ (ଗୁରୁବାର), ପଗଡିବିଧି: ୨୯।୧୧।୨୦୧୮ ସନ୍ଧ୍ୟା ୪ଟା ବେଳେ। ସ୍ଥାନ: I/10, Civil Township, Rourkela. ଶୋକାକୁଳ ପରିଜନ: (ପୁତ୍ର) ସାବରମଲ ଅଗ୍ରୱାଲ, ମଦନଲାଲ ଅଗ୍ରୱାଲ, କୈଳାସ ଚନ୍ଦ୍ର ଅଗ୍ରୱାଲ, ମନୋଜ ଅଗ୍ରୱାଲ, ରବି କୁମାର ଅଗ୍ରୱାଲ, (ପୌତ୍ର) ଋଷଭ ଅଗ୍ରୱାଲ ଏବଂ ସମସ୍ତ ଭଜିକା ପରିବାର। Mob: 9437040335, 9437045249. D-9697

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ ଶଚ୍ଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସ୍ତ୍ରୀ, ପୁଅ, ଝିଅ, ନାତି ଓ ନାତୁଣୀ। ଧ-୯୩୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁବ୍ରତ କୁମାର ମହାନ୍ତି
ଇଚ୍ଛାପଡ଼ା, ମୁରିବାହାଲ
ଆବିର୍ଭାବ: ୧୭।୦୯।୧୯୯୩
ତିରୋଧାନ: ୦୮।୧୧।୨୦୧୮

ତୋର ଅମର ଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ। ଈଶ୍ୱର ପାଖରେ ଏତିକି କାମନା। ତୋର ହତଭାଗା ବାପା: ଦିଲ୍ଲୀପ କୁମାର ମହାନ୍ତି, ଯୋଗମାୟା ମହାନ୍ତି ଓ ବନ୍ଧୁବର୍ଗ। ଧ-୯୬୯୩

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

## ■ ମାସକ ମଧ୍ୟରେ ଦ୍ୱିତୀୟ ଘଟଣା

**ପୁରୀ ଅଫିସ, ୨୭।୧୧**

ଶ୍ରୀମନ୍ଦିର ଭିତରକାଠ ନିକଟରେ ଜଣେ ଛୋଟ ପିଲା ବାନ୍ତି କରିଦେବାରୁ ମଙ୍ଗଳବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଭୋର ୫ଟା ୫୦ରେ ଦ୍ୱାରଫିଟି ଭିତର ଶୋଧ ହୋଇ ମଙ୍ଗଳ ଆଳତି ବଢିଥିଲା। ଏହାପରେ ଅବକାଶ ନୀତି ଆରମ୍ଭ ହୋଇ ସକାଳ ୭ଟା ୫୦ରେ ସରିଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ବେଶ କରୁଥିଲେ। ଏହି ସମୟରେ ଭିତର କାଠ ଦର୍ଶନ ଚାଲିଥିଲା। ବେଶ ସମୟରେ ଜଣେ ଛୋଟ ପିଲା ବାନ୍ତି କରିଦେଇଥିଲେ। ଏହା ଜଣାପଡ଼ିବା ପରେ ସେହିଠାରେ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ଠାକୁରଙ୍କ ବେଶ ଓଲାଗି କରାଯାଇ ମହାସ୍ନାନ ପୂଜା କରାଯାଇଥିଲା। ପୂଜା ସରିବା ପରେ ପୁଣି ଠାକୁରଙ୍କ ନୀତି ଚାଲିଥିଲା। ମହାପ୍ରଭୁଙ୍କୁ ଦିନର ପ୍ରଥମ ବେଶ ପୁଣିଥରେ କରାଯାଇଥିଲା। ପୂର୍ବାହ୍ନ ସାଢେ ୧୦ଟାରେ ଗୋପାଳ ବଲ୍ଲଭ ସରି ଅନ୍ୟାନ୍ୟ ନୀତି ଚାଲିଥିଲା। ସୂଚନାଥାଉ କି, ନଭେମ୍ବର ମାସରେ ଦ୍ୱିତୀୟଥର ଲାଗି ଠାକୁରଙ୍କ ବଡ଼ ମହାସ୍ନାନ ହୋଇଛି। ଗତ ୬ ତାରିଖ ସକାଳେ ଅବକାଶ ପୂଜା ପରେ ଭିତରକାଠ ନିକଟରେ ରକ୍ତ ପଡ଼ିଥିବାରୁ ବଡ଼ ମହାସ୍ନାନ ହୋଇଥିଲା।

# ଏ.ଆର୍. ରହମନଙ୍କୁ କିସ୍‌ର ଲାଇଫ୍‌ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ

**ଭୁବନେଶ୍ୱର, ୨୭।୧୧ (ବ୍ୟୁରୋ)**

ବଲିଉଡ୍ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଏ. ଆର. ରହମନଙ୍କୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍(କିସ୍) ପକ୍ଷରୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ମଙ୍ଗଳବାର ରହମନ କିସ୍ ପରିଦର୍ଶନ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ରହମନ କିସ୍ ପରିଦର୍ଶନ କରିବା ସମୟରେ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ୍ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଏଠାରେ ଶିକ୍ଷା ଗ୍ରହଣ କରୁଥିବା ୨୭ ହଜାର ଜନଜାତି ଛାତ୍ରୀଛାତ୍ରଙ୍କୁ ଦେଖି ବିମୋହିତ ହୋଇଥିଲେ। ରହମନ କହିଥିଲେ, ଭୁବନେଶ୍ୱର ଆସି ମୁଁ ଯଦି କିସ୍ ନ ଦେଖି ଫେରିଯାଇଥାନ୍ତି, ତା'ହେଲେ ମୋ ମନରେ ଏକ ଅବଶୋଷ ରହିଯାଇଥାଆନ୍ତା। ଏହି ଅବସରରେ କିସ୍ ଛାତ୍ରୀଛାତ୍ରମାନେ ରହମନଙ୍କ ସହ ସଙ୍ଗୀତ ଗାନ କରିବାର ସୁଯୋଗ ପାଇଥିଲେ। ଅଚ୍ୟୁତ ସାମନ୍ତ ରହମନଙ୍କ ଜୀବନୀ ଓ ସଫଳତା ପଛର ସଂଘର୍ଷ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ସମ୍ପାଦକ ଆର. ଏନ୍. ଦାଶ, କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି. କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ■ଭାଜପା ଟିମ୍‌ର ବାତ୍ୟା ପ୍ରଭାବିତ କଇଁପୁର ଗସ୍ତ

# 'ଥଇଥାନ, ପୁନରୁଦ୍ଧାର କାର୍ଯ୍ୟ କିଛି ହୋଇନାହିଁ'

**ପାରଳାଖେମୁଣ୍ଡି, ୨୭।୧୧ (ସ୍ୱ.ପ୍ର.)**

ରାଜ୍ୟ ଭାଜପାର ଏକ ୭ଜଣିଆ ଟିମ୍ ମଙ୍ଗଳବାର ଗଜପତି ଜିଲା ଗସ୍ତରେ ଆସି ତିତ୍‌ଲି ବାତ୍ୟା ପ୍ରଭାବିତ ରାୟଗଡ ବ୍ଲକର କଇଁପୁର ପଞ୍ଚାୟତ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ହୋଇପାରି ନ ଥିବାବେଳେ ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ କିଛି କରାଯାଇନାହିଁ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।

ବରିଷ୍ଠ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ବିଧାୟକ ରବି ନାୟକ, ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତ ସିଂହାର, ଅନ୍ୟତମ ମୁଖପାତ୍ର ଗୋଲକ ମହାପାତ୍ର, ଜିଲା ସଭାପତି ଜି.ଭେଙ୍କଟ ରାବଣା ପ୍ରମୁଖ କଇଁପୁର ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ। ଲକ୍ଷ୍ମୀପୁର, କଇଁପୁର, ଜାଲଗାଁ, ଭ୍ରମରପୁର ଆଦି ବିଭିନ୍ନ ଗ୍ରାମ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସେମାନେ କହିଛନ୍ତି, ଜାଲଗାଁ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ। ଗମନାଗମନ ସମସ୍ୟା ଯୋଗୁ ଲୋକଙ୍କ ପାଖରେ ଠିକ୍‌ଭାବେ ବାତ୍ୟା ସହାୟତା ପହଞ୍ଚି ପାରିନାହିଁ। ଗ୍ରାମ ଆଶ୍ରମ ସ୍କୁଲର ଛାତ ଓ ଟିଣ ଉଡିଯାଇଥିବାବେଳେ ତାହା ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଛାତ୍ରୀଛାତ୍ରମାନେ ଖରା, ଶୀତ କାକର ସହି ଦୁର୍ଦ୍ଦଶାରେ ରହିଛନ୍ତି। କଇଁପୁର ଗ୍ରାମରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି। ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର କହିଛନ୍ତି, ଯେଉଁଦିନ ଭାଜପା ଟିମ୍ ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରୁଛି ସେହିଦିନ ହିଁ ଜିଲା ପ୍ରଶାସନର ନିଦ ଭାଙ୍ଗୁଛି। ମାତ୍ର ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରକୃତ ବିପନ୍ନଙ୍କୁ ସହାୟତା ମିଳିନାହିଁ। ରାଜ୍ୟ ସରକାର ଭୁବନେଶ୍ୱରରେ ବିଶ୍ୱକପ୍ ହକି ଆୟୋଜନ କରୁଥିବାବେଳେ ଏହାର ପ୍ରଚାର ପ୍ରସାର ପାଇଁ କୋଟି କୋଟି ଟଙ୍କା ଜିଲାସ୍ତରରେ ଖର୍ଚ୍ଚ କରୁଛନ୍ତି। ମାତ୍ର ବାତ୍ୟା କ୍ଷୟକ୍ଷତି ନେଇ ସଠିକ୍ ଆକଳନ କରାନଯିବା ଏବଂ କ୍ଷତିଗ୍ରସ୍ତଙ୍କୁ ସହାୟତା କିମ୍ବା ଥଇଥାନ କରା ନ ଯିବା ପରିତାପର ବିଷୟ। ଏହି ଘଟଣା କେନ୍ଦ୍ର ସ୍ତରରେ ଉଠାଯିବ ବୋଲି ଉକ୍ତ ଟିମ୍ ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ■ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

# ୨୯, ୩୦ ତାରିଖରେ ମହାବନ୍ଦ

**ସମ୍ବଲପୁର, ୨୭।୧୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏହା ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀରବତା ଆନ୍ଦୋଳନ ତାତିକୁ ବଢ଼ାଇଛି। ସେପ୍ଟେମ୍ବର ୫ ତାରିଖରୁ ବିଭିନ୍ନ ଉପାୟରେ ପ୍ରତିବାଦ କରିଆସୁଥିବା ଜିଲା ଓକିଲ ସଂଘ ଶେଷରେ କାର୍ଯ୍ୟବନ୍ଦ ଆଭିମୁଖ୍ୟ ଆପଣେଇଛନ୍ତି। ଗତ ୧୯ ତାରିଖରୁ ସମସ୍ତ ସରକାରୀ ଅଫିସ ଅଚଳ ରହିଛି। ସାଧାରଣ ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଅନ୍ୟପଟେ, ପଶ୍ଚିମ ଓଡ଼ିଶାବାସୀଙ୍କ ହକ୍‌ପାଇଁ ରାଜରାସ୍ତାକୁ ଓହ୍ଲାଇଥିବା ଓକିଲଙ୍କ ମହାସଂଗ୍ରାମ ଅଭିଯାନ ଜନସମର୍ଥନ ହାସଲ କରିଚାଲିଛି। ବିଭିନ୍ନ ଅନୁଷ୍ଠାନ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏପରି କି ଛାତ୍ରୀଛାତ୍ରମାନେ ଏଥିରେ ସାମିଲ୍ ହୋଇଛନ୍ତି। ଫଳରେ ଏହା ଜନଆନ୍ଦୋଳନର ରୂପ ନେଇଛି। ଏପରି ସ୍ଥଳେ ନ୍ୟାୟିକ ଦାବି ଉପରେ ନିଦାବିଷ୍ଟ ସାଜିଥିବା ସରକାରଙ୍କୁ ସାବଧାନ କରାଇବାକୁ ଯାଇ ଆଗାମୀ ୨୯ ଓ ୩୦ ତାରିଖ ୪୮ ଘଣ୍ଟା ମହାବନ୍ଦ ଡାକରା ଦିଆଯାଇଛି। ଏଥି ପୂର୍ବରୁ ମଙ୍ଗଳବାର ଜିଲା ଓକିଲ ସଂଘ, ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ଦଳର କର୍ମକର୍ତ୍ତା ସହରରେ ବାଇକ ରାଲି କରି ସରକାରଙ୍କୁ ସତର୍କ କରାଇଛନ୍ତି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଦାବିରେ ଆରମ୍ଭ ହୋଇଥିବା ରିଲେ ଆମରଣ ଅନଶନ ନବମ ଦିନରେ ପହଞ୍ଚିଛି। ସମ୍ବଲପୁର ଲଜପତ ରାୟ ଆଇନ କଲେଜ ଛାତ୍ର ସମୀର ମହାପାତ୍ର, ସୁମନ ସୌରଭ ପରିଚ୍ଛା, ବିଧୁଭୂଷଣ ଗୁରୁ, ସଂପୂର୍ଣ୍ଣସ୍ୱରାଜ ବିଶ୍ୱାଳ, ବିକାଶ ନାଥ ମନ୍ଦୋଦରି, ଅଲେଖ ଘିବେଲା, ଶୁଭମ ପାଢ଼ୀ, ଅଂଶୁମାନ ପଟ୍ଟନାୟକ, ଆଦର୍ଶ ପୁରୋହିତ, ନିଖିଳ କୁମାର ତ୍ରିପାଠୀ ସାମିଲ ହୋଇଛନ୍ତି। ଜିଲା ଓକିଲ ସଂଘ ଓ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ରାହୁ ସହ ଚନ୍ଦ୍ରଙ୍କ ସଂଯୋଗ ପରିବାରରେ ସ୍ଥାନସ୍ଥ ହେତୁ ପାରିବାରିକ ଅଶାନ୍ତି ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବ। ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। କଚେରି କିମ୍ବା ପରିବହନ ସମ୍ବନ୍ଧୀୟ ମାମଲାରେ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ। ଶିକ୍ଷାକ୍ଷେତ୍ର, ପରୀକ୍ଷା, ଇଣ୍ଟରଭ୍ୟୁରେ ସଫଳତା ପାଇବେ।

**ବୃଷ**
ଭାଗ୍ୟ ସ୍ଥାନରେ କେତୁ କୁଜବତ୍ ଅର୍ଥାତ୍ ମଙ୍ଗଳଙ୍କ ଭଳି ଫଳଦେବା କାରଣରୁ ଗୃହୋପକରଣ, ଯାନ୍ତ୍ରିକ ଜିନିଷ କ୍ରୟ କରିପାରନ୍ତି। ଜମିଜମା ଚୁକ୍ତିପତ୍ର କ୍ଷେତ୍ରରେ କୌଣସି ବନ୍ଧୁଙ୍କ ଛଳନାତ୍ମକ କଥା ସମ୍ଭାବ୍ୟପ୍ରାପ୍ତିକୁ ବିଗାଡି ଦେଇପାରେ। କଳା, ସାହିତ୍ୟ, ସଙ୍ଗୀତରେ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିଥିଲେ ମଧ୍ୟ ଆଶା ଅପୂରଣ ରହିବନାହିଁ।

**ମିଥୁନ**
ଆଜିର ଦିନଟି ଏହିପରି ଯେ-ଅର୍ଥ ପାଇଲେ ମଧ୍ୟ ହାତରେ ଧରି କେବଳ ଦେଖିବେ ସିନା ପେଡିକୁ ଯିବା କଷ୍ଟକର ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଠିକ୍ ହେବ।

**କର୍କଟ**
ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଅଣନିଃଶ୍ୱାସୀ ହୋଇ ମାନସିକ ସୁସ୍ଥତା ହରାଇବେ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି।

**ସିଂହ**
ମଙ୍ଗଳଗ୍ରହ ଆପଣଙ୍କୁ ମାଙ୍ଗଳିକ କାମ ସକାଶେ ପ୍ରସ୍ତୁତି କ୍ଷେତ୍ରରେ ସାହାଯ୍ୟ ପ୍ରାପ୍ତି କରାଇବ। ପରିବାର ଓ କର୍ମକ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅନ୍ୟମାନଙ୍କ ପାଇଁ କିଛି କାମ କରିବା କ୍ଷେତ୍ରରେ ନିଜେ ହଇରାଣରେ ପଡ଼ିପାରନ୍ତି।

**କନ୍ୟା**
ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କ ଲାଳିତ୍ୟପୂର୍ଣ୍ଣ କଥା ଓ ସାହାଯ୍ୟକାରୀ ମନୋଭାବ ଅନ୍ୟମାନଙ୍କ ମନରେ ସମବେଦନା ସୃଷ୍ଟିକରିବ। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି। ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ ଏବଂ ପରିବହନରେ ଝଗଡ଼ା ଲାଗିପାରେ।

**ତୁଳା**
ରାହୁ ଓ ଚନ୍ଦ୍ରଙ୍କ ସ୍ଥିତି ଜନିତ କର୍ମକ୍ଷେତ୍ରରେ ଶତ୍ରୁତା କାରଣରୁ ସମସ୍ୟା ବଢ଼ିଚାଲିଲେ ମଧ୍ୟ ଆପଣଙ୍କ ଧୈର୍ଯ୍ୟ ଅତୁଟ ରହିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପଡୋଶୀମାନେ ନିଜ ନିଜର ସ୍ୱାର୍ଥସାଧନ ପାଇଁ ବାକ୍‌ଚାତୁରୀ କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା**
ପରିସ୍ଥିତି ଓ ପରିବେଶ ପ୍ରତି ନଜର ଦେଇ କାମ ନ କଲେ ଅସୁବିଧାରେ ପଡିପାରନ୍ତି। ଆଜିର ସକାଳୁଆ ଯାତ୍ରା ମନକୁ ଅସ୍ଥିର କରିବା ସାଙ୍ଗକୁ କାମ ମଧ୍ୟ ନୈରାଶ୍ୟଜନକ ରହିପାରେ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇ ପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**ଧନୁ**
ପ୍ରତ୍ୟେକ ଦିଗରୁ ସମସ୍ୟା ଜାଲରେ ଛନ୍ଦିହୋଇ ନିଜକୁ ଅସହାୟ ମନେ କରିପାରନ୍ତି। ବିବାଦୀୟ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣା, ପରିବହନ, ବ୍ୟବସାୟରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର**
କୌଣସି ହିତୈଷୀଙ୍କ ଅନୁପସ୍ଥିତି ମନକୁ ବିଚଳିତ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଆଂଶିକ ସଫଳତା ମିଳିପାରେ। ପରିବାରରେ, ପରିବହନରେ, ସର୍ବୋପରି ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ। ଭୁଲ୍ ବୁଝାମଣାରୁ ବନ୍ଧୁ ଆପଣଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
ଆଜିର କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ସେପରି ହୋଇପାରିବ ନାହିଁ। କର୍ମକ୍ଷେତ୍ରରେ କେତେକ କଥା ନେଇ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଆକସ୍ମିକ ଭାବରେ ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମୀନ**
ଶୁକ୍ର ଓ ମଙ୍ଗଳ ଦୁଃସ୍ଥାନରେ ରହିଥିବାରୁ ଭଗିନୀ, ପଡୋଶିନୀ କିମ୍ବା ସହକର୍ମୀ ଅଭିଯୋଗ କରିପାରନ୍ତି। ଏଣେ ଆର୍ଥିକ ଦୁଃସ୍ଥିତିକୁ ଭରଣା କରିବା ସକାଶେ ଜମିଜମା କିମ୍ବା ଯାନବାହନ ବିକ୍ରି ପାଇଁ ଯୋଜନା କରିପାରନ୍ତି। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିପାରେ।

ଆଜି ମାର୍ଗଶିର କୃଷ୍ଣ ଷଷ୍ଠୀ ବୁଧବାର, ନଭେମ୍ବର ୨୮ ତାରିଖ, ଆଜି ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧ ମହାବୀରଙ୍କ ନାଗାବେଶ, ରାଶି ନକ୍ଷତ୍ର- ସକାଳ ଘ୯।୦୪ମି. ଗତେ ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୫୨ମି. ଗତେ ଘ୧୦।୧୩ମି. ମଧ୍ୟେ, ଘ୧୧।୩୫ମି. ଗତେ ଘ୧୨।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୩୫ମି. ମଧ୍ୟେ, ଘ୨।୧୬ମି. ଗତେ ଘ୩।୩୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୩୪ମି. ଗତେ ଘ୧୨।୫୬ମି. ମଧ୍ୟେ ରାହୁ କାଳ।




## ସଂକ୍ଷେପରେ

### ଖାରବେଳଙ୍କୁ ଆକ୍ରମଣ ଘଟଣା
## ତଦନ୍ତ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ ଟିମ୍

**କାଶୀପୁର,୨୭।୧୧(ଡ଼ି.ଏନ.ଏ):** ଉତ୍କଳ ଭାରତ ସଭାପତି ଐର ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକ ସୋମବାର କାଶୀପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପି.ଗୋବିନ୍ଦ ରାଓ। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ପୋଲିସ କହିଛି। ସୋମବାର କ୍ରାଇମବ୍ରାଞ୍ଚ ଟିମ୍ କାଶୀପୁର ଯାଇ ତଦନ୍ତ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଖବର ଲେଖାଯିବା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚର କୌଣସି ଟିମ୍ କାଶୀପୁରରେ ପହଞ୍ଚି ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଶନିବାର ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ କାଶୀପୁରରେ ଏକ ପଥପ୍ରାନ୍ତ ସଭା କରୁଥିଲେ। ଏଠାରେ ସେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ କହୁଥିବା ବେଳେ କିଛି ଯୁବକ ହଠାତ୍ ଆସି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ଗୁରୁତର ଆହତ ହୋଇଥିଲେ। ସେମାନେ ଖାରବେଳ ଓ ତାଙ୍କ ସହଯୋଗୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାରେ ପୋଲିସ ଶନିବାର ସୁମନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ମଙ୍ଗଳବାର ଭାଜପାରେ ଯୋଗଦେଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶାର ଦଳୀୟ ସଭାପତି ବସନ୍ତ ପଣ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭାଜପାରେ ମିଶିଲେ ଅପରାଜିତା

**ନୂଆଦିଲ୍ଲୀ,୨୭।୧୧**

ପୂର୍ବତନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ଭାଜପାରୁ ଆସନ୍ତା ନିର୍ବାଚନ ଲଢ଼ି ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି।

ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗଦେଇଛନ୍ତି। ଅପରାଜିତା କେଉଁ ଆସନରୁ ନିର୍ବାଚନ ଲଢ଼ିବେ ସେନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଥିଲେ, ଏନେଇ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ନିର୍ବାଚନ ଲଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। ଏପରି ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ସେ ଭଲ ପାଆନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ପ୍ରତି ପ୍ରଭାବିତ। ବହୁ ଲୋକଙ୍କ ସହ ଆଲୋଚନା କରିବା ପରେ ଭାଜପାରେ ଯୋଗଦେବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅପରାଜିତା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧୀନ ଏମ୍‌ଜିଏନ୍‌ଆର୍‌ଇଜିଏର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେ ସେପ୍ଟେମ୍ବରରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଗତ ୧୬ ତାରିଖରେ ତାଙ୍କ ଆବେଦନକୁ ପ୍ରଧାନମନ୍ତ୍ରୀ ଅନୁମୋଦନ କରିଥିଲେ। ଅପରାଜିତା ବୁଧବାର ଓଡ଼ିଶା ଫେରିବା ପରେ ରାଜ୍ୟ ଭାଜପା ମୁଖ୍ୟାଳୟରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯିବ ବୋଲି ଜଣାପଡ଼ିଛି।

# ଦଳିତ ବିରୋଧୀ,ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଏକଜୁଟ୍ ହୁଅ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଦଳିତମାନଙ୍କୁ ବର୍ଷବର୍ଷ ଧରି ନିଷ୍ପେଷିତ କରି ରଖାଯାଇଛି। ବିଗତ ୪ ବର୍ଷରେ ତାହା ଅହେତୁକ ଭାବେ ବୃଦ୍ଧି ପାଇଛି। ବି.ଆର ଆମ୍ବେଡକର ହିଁ ସମାନତା ନେଇ ଲଢିଥିଲେ। ସାରା ଭାରତରେ ଦଳିତ ସଙ୍ଗଠିତ ହେଉଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଦଳିତମାନେ ସଙ୍ଗଠିତ ହେବେ। ୨୦୧୯ ନିର୍ବାଚନରେ ଦଳିତ ବିରୋଧୀ ସାମ୍ପ୍ରଦାୟିକ ଶକ୍ତିକୁ ହରାଇବା ପାଇଁ ସମସ୍ତେ ଏକାଠି ହେବାର ସମୟ ଆସିଛି। ପିସିସି ପକ୍ଷରୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ହୋଇଥିବା ଦଳିତ ସମ୍ମାନ ସମାବେଶରେ ଯୋଗଦେଇ ଗୁଜରାଟ ବିଧାୟକ ଜିଗ୍ନେଶ ମେବାନୀ ଏହି କଥା କହିଛନ୍ତି।

ଜିଗ୍ନେଶ ନିଜ ବକ୍ତବ୍ୟରେ କୁନ୍ଦୁଲୀ ପୀଡିତା ପ୍ରସଙ୍ଗରେ ମଧ ବକ୍ତବ୍ୟ ରଖିଥିଲେ। ସେ କହିଛନ୍ତି ଯେ, ରାଜ୍ୟରେ ଦଳିତ ବିରୋଧୀ ହିଂସା ହେଉଥିଲେ ବି ତାହା ଗଣମାଧମ ଉପସ୍ଥାପନ କରୁନାହିଁ। କୁନ୍ଦୁଲୀ ପୀଡିତା ଆତ୍ମହତ୍ୟା କଲେ, ହେଲେ ନ୍ୟାୟ ପାଇଲେ ନାହିଁ। ସାରା ଭାରତରେ ଦଳିତ ବିରୋଧୀ ହିଂସା ଓ ଆକ୍ରମଣ ବଢିଚାଲିଛି। ବହୁଜନ ହୋଇଥିଲେ ବି ସେମାନଙ୍କ ସ୍ୱରକୁ ଚାପି ଦିଆଯାଉଛି। ମନୁବାଦୀ ତଥା ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ଭାରତ ବର୍ଷରେ ଦଳିତମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହୋଇଛି। ଏହା ଓଡ଼ିଶାରେ ଜାରି ରହିବ ବୋଲି ଜିଗ୍ନେଶ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ସଭାପତି ରବି ବେହେରା, ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଏବଂ ରାମକୃଷ୍ଣ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଦଳିତ ସମାବେଶରେ ପିସିସି ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁ ତରାଇ ସଭାପତିତ୍ୱ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା ,ଶରତ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଗ୍ନେଶ ମେବାନୀ

## କୃଷ୍ଣଙ୍କ ଚିଠିକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ପିସିସି ଏସ୍‌ସି ସେଲ୍‌ର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସଗରିଆ ଜିଗ୍ନେଶଙ୍କୁ ଲେଖିଥିବା ଖୋଲା ଚିଠି କଂଗ୍ରେସ ରାଜନୀତିକୁ ସରଗରମ କରିଛି। କୃଷ୍ଣ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦଳିତ ସମସ୍ୟା ଉପସ୍ଥାପନ କରିବା ପାଇଁ ଆପଣ ଓଡ଼ିଶା ଆସିଥିବାରୁ ମୁଁ ଖୁସି। ବର୍ଷକ ପୂର୍ବରୁ ୧୪ ବର୍ଷର ଏକ ଦଳିତ ବାଳିକାକୁ ୟୁନିଫର୍ମରେ ଥିବା କେତେକ ବ୍ୟକ୍ତି ଗଣବଳାତ୍କାର କରିଥିଲେ। ଏହି କଥା ପଦାକୁ ଆସିବା ପରେ ଝିଅଟି ନ୍ୟାୟ ପାଇଁ ସବୁ କିଛି କରିଥିଲା। ହେଲେ ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କରିଥିଲା। ତାହାର ପ୍ରତୀକାତ୍ମକ ପ୍ରତିବାଦ ପାଇଁ ବିଧାୟକ ପଦରୁ ମୁଁ ଇସ୍ତଫା ଦେଇଛି। ଏମିତିକି କଂଗ୍ରେସ ଦଳର ନେତା ତଥା ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ଏହି ପ୍ରସଙ୍ଗ ଉପସ୍ଥାପନ କରି ନ ଥିବା କୃଷ୍ଣ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କଂଗ୍ରେସର ବହୁ ତୁଙ୍ଗ ନେତା ଦଳିତ ବିଧାୟକ କୃଷ୍ଣ ସଗରିଆଙ୍କ ଇସ୍ତଫା ପ୍ରସଙ୍ଗ ଉଠାଇ ନ ଥିଲେ।

# ଫୁଲବାଣୀ, ଦାରିଙ୍ଗବାଡ଼ିରେ ବଢୁଛି ଶୀତ ପ୍ରକୋପ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଫୁଲବାଣୀ ଏବଂ ଦାରିଙ୍ଗବାଡିର ସର୍ବନିମ୍ନ ତାମପାତ୍ରା ନିୟମିତ ହ୍ରାସ ପାଇବାରେ ଲାଗିଛି। ଫଳରେ ଦୁଇ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଫୁଲବାଣୀ ସହରର ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିବାବେଳେ ଦାରିଙ୍ଗବାଡିରେ ୮.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ଗତ ୪ଦିନ ହେଲା କେତେକ ଅଞ୍ଚଳରେ ରାତିରେ ପାରଦ ୨ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଖସୁଥିବାରୁ ଶୀତ ଅନୁଭୂତ ହେଉଛି। ଆଗକୁ ଆହୁରି ଦୁଇରୁ ତିନିଦିନ ଯାଏ ରାତିରେ ୨ରୁ ୩ ଡିଗ୍ରୀ ସେଲସିୟସ୍ ପାରଦ କମିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ୧୪ ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ତାଳଚେର ସହରରେ ସର୍ବାଧିକ ତାପମାତ୍ରା ୩୧.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଦକ୍ଷିଣ, ଆଭ୍ୟନ୍ତରୀଣ ଅଞ୍ଚଳରେ ଘନ କୁହୁଡି ଆଚ୍ଛାଦିତ ହେବ ବୋଲି ପାଣିପାଗ କେନ୍ଦ୍ରରୁ ସୂଚନା ଦିଆଯାଇଛି।

# ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ: ତବୁ



**ନୂଆଦିଲ୍ଲୀ:** ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ। ଦୀର୍ଘ ୩ ଦଶନ୍ଧି ଧରି ବଲିଉଡ୍‌ରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମୁଗ୍ଧ କରି ଆସିଥିବା ବଲିଉଡ୍ ଅଭିନେତ୍ରୀ ତବୁ ଏହା ପ୍ରକାଶ କରିଛନ୍ତି। ସେ 'ଦୃଶ୍ୟମ୍'ରେ କଡା ପୋଲିସ ଅଫିସର, 'ଫାନା'ରେ ଜଣେ ଆତଙ୍କବାଦ ନିରୋଧୀ ବ୍ୟୁରୋ ଏଜେଣ୍ଟ ଏବଂ 'ହୁ ତୁ ତୁ'ରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଭାବେ ଅଭିନୟ କରିଛନ୍ତି। ସେ ଅନେକ ଫିଲ୍ମରେ କଡା ମିଜାଜ୍‌ର ବ୍ୟକ୍ତି ଭାବେ ଅଭିନୟ କରିଥିଲେ ହେଁ ସ୍କ୍ରିନ୍ ଉପରେ ପ୍ରେମ ପ୍ରଣୟକୁ ବିରୋଧ କରନ୍ତି ନାହିଁ। ସେ କହନ୍ତି, ପ୍ରେମ ସବୁବେଳେ ମହାନ୍। ଏହା ସର୍ବଦା ତାର ସ୍ଥିତି ବଜାୟ ରଖେ। ତେବେ ସିନେମାରେ ପ୍ରେମଦୃଶ୍ୟକୁ ଦର୍ଶକ ପସନ୍ଦ କରନ୍ତି ଏବଂ ପ୍ରତ୍ୟେକ ଏହା ଦ୍ୱାରା ଅନୁପ୍ରେରିତ ହୁଅନ୍ତି। ତେଣୁ ପ୍ରେମକାହାଣୀ ଭିତ୍ତିକ ସିନେମାରେ ଅଭିନୟ କରିବାକୁ ସେ ପସନ୍ଦ କରନ୍ତି ବୋଲି ପ୍ରକାଶ କରିଛନ୍ତି। 'ପେହେଲା ପେହେଲା ପ୍ୟାର୍', 'ପ୍ରେମ' ଏବଂ 'ଚେନି କୁମ୍' ଭଳି ରୋମାଣ୍ଟିକ୍ ଫିଲ୍ମରେ ତବୁ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ 'ଅନ୍ଧାଧୁନ୍'ର ସଫଳତା ନେଇ ସେ ବେଶ୍ ଖୁସି। ଏଥିରେ ରହସ୍ୟ, ରୋମାଞ୍ଚ, ପ୍ରେମ ଓ ଉନ୍ମାଦନାର ଏକ ବିରଳ ସମନ୍ୱୟ ଘଟିଛି।




## ସାଙ୍ଗକୁ ପଥରରେ ଛେଚି ହତ୍ୟା

**ପାଲଲହଡା,୨୭।୧୧ (ଡି.ଏନ.ଏ.)**

ସାଙ୍ଗକୁ ପଥରରେ ଛେଚି ହତ୍ୟା କରିଛି ସାଙ୍ଗ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ପାଲଲହଡା ଥାନା ଡିମିରିଆ ଗ୍ରାମରେ। ପୋଲିସ କହିଛି, ଡିମିରିଆ ଗ୍ରାମର ସନାତନ ପେଣ୍ଟଇଙ୍କ ପୁଅ ପୀତବାସ (୩୦) ଏବଂ କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳର ଅର୍ଜୁନ ପାତ୍ରଙ୍କ ପୁଅ ପ୍ରସନ୍ନ ସାଙ୍ଗ ଥିଲେ। ସୋମବାର ସନ୍ଧ୍ୟାରେ ଉଭୟେ ଏକ ଢାବାରେ ମଦ ପିଇ ରାତିରେ ଘରକୁ ଫେରୁଥିଲେ। ହେଲେ କଲୋନୀ ସାହି ନିକଟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରସନ୍ନ ଉତ୍କ୍ଷିପ୍ତ ହୋଇ ପୀତବାସଙ୍କୁ ତଳେ ପକାଇ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପାଲଲହଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପୀତବାସଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟ ଓ ସେଠାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୁକ୍ତ ପ୍ରସନ୍ନ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପାଲଲହଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପତ୍ର ସୂଚନା ଦେଇଛନ୍ତି।



ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଭୁବନେଶ୍ୱରରେ ବିଶ୍ୱ

ନଭେମ୍ବର ୨୭, ୨୦୧୮ରେ ପୁରୁଷ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି। କ୍ରୀଡା ବିଶେଷକରି ହକି ଓ ଆଥ୍‌ଲେଟିକ୍ସରେ ଏହି ସହରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନେକ ଅଂଶରେ ଫଳପ୍ରଦ ହୋଇପାରିଛି। ବିଭିନ୍ନ ସିନେମା ତାରକା ଯଥା ଶାହରୁଖ ଖାନ୍, ମାଧୁରୀ ଦୀକ୍ଷିତ୍, ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମନ୍, ସୁପ୍ରସିଦ୍ଧ ଡ୍ୟାନ୍ସ ଗୁରୁ ଶମକ୍ ଡାଭର ଓ ତାଙ୍କ ସହିତ ଓଡିଶୀ ଗୁରୁ ଅରୁଣା ମହାନ୍ତିଙ୍କ ସମେତ ଆହୁରି ଅନେକ ନାମୀଦାମୀ କଳାକାର ଏହି କାର୍ଯ୍ୟକ୍ରମକୁ ଜୀବନ୍ତ କରିଦେଇଥିଲେ। ନାଚଗୀତରେ ମନ ଭୁଲାଇବା ପାଇଁ ଏହା ଥିଲା ଏକ ସୁନ୍ଦର ସନ୍ଧ୍ୟା। କିନ୍ତୁ ସେଥିରେ ମଧ୍ୟ ଅନେକ ଏଭଳି ତ୍ରୁଟି ରହିଗଲା, ଯାହାର ପ୍ରତିକାର ତତ୍‌କ୍ଷଣାତ୍ କରାଯାଇପାରିଥାଆନ୍ତା। ସବୁ ଟିକେଟ ଉପରେ କାର୍ଯ୍ୟକ୍ରମ ଆରମ୍ଭ ସମୟ ସ୍ପଷ୍ଟ ଭାବେ ୧୭.୩୦ ଘଣ୍ଟିକା (ଅର୍ଥାତ୍ ଅପରାହ୍ଣ ୫.୩୦) ଉଲ୍ଲେଖ କରାଯାଇଥିଲା। 'ଘରେ ନ ପଶୁଣୁ ଚାଳ ବାଜିବା' ଭଳି ଏହା ୫ଟା ୫୦ ପରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଦିନଗୁଡିକରେ ବିଭିନ୍ନ ଦେଶ ମଧ୍ୟରେ ହେବାକୁ ଥିବା ମ୍ୟାଚଗୁଡିକ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡିବ ନାହିଁ ବୋଲି ସ୍ପଷ୍ଟ ପଦକ୍ଷେପ ନିଆଯିବା ଦରକାର। ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସମୟାନୁବର୍ତ୍ତୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ତାହା ନ କରିପାରିବା ଏକ ବଡଧରଣର ଖୁଣ।

ଏଠାରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଅଳସୁଆ ଜାତି। ପେଟ ବାହାରିବାଟା ଆମର ସଫଳତାର ଲକ୍ଷଣ ହୋଇପଡିଲାଣି। ଆଜି ପୃଥିବୀବ୍ୟାପୀ ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହେଉଛନ୍ତି। ଏଥିପାଇଁ କ୍ରୀଡ଼ା ବା ଖେଳକୁଦର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଆମ ରାଜ୍ୟର ସହରୀ ଓଡ଼ିଆଙ୍କୁ ଦେଖିଲେ ସେମାନଙ୍କ ବାସ୍ତବ ସ୍ୱାସ୍ଥ୍ୟ ଠିକ୍ ଥିବା ଭଳି ମନେହୁଏ ନାହିଁ। ଏମିତିରେ ଓଡ଼ିଶାରେ ବଡ଼ ସହର ନାହିଁ। ମଧ୍ୟମରୁ ଛୋଟ ସହର ହୋଇଥିବାରୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବଢ଼ିପାରୁ ନାହିଁ। ଆମ ପୂର୍ବପୁରୁଷ ବା ଖ୍ରୀଷ୍ଟପୂର୍ବ ସମୟକୁ ଅନିଷା କଲେ ଏ ରାଜ୍ୟର ଟାଣୁଆ ଯୁବକ ନୌବାଣିଜ୍ୟରେ ଯାଇ ନିଜ ଶକ୍ତିର ପରାକାଷ୍ଠା ଦେଖାଇଥିଲେ। ଏବେ ସହରରେ ଜିମ୍ ଯାଉଥିବା ଯୁବକର ମାଂସପେଶୀ କେବେ ବି ଗାଁର ଚାଷୀର ମାଂସପେଶୀ ସହ ତୁଳନୀୟ ହୋଇପାରିବ ନାହିଁ। କାରଣ ଚାଷୀ ପରିଶ୍ରମ କରି ତା' ଶରୀରକୁ ସର୍ବଦା ଟାଗଡ଼ା କରି ରଖିଥାଏ।

ଏହି ପ୍ରଚ୍ଛଦପଟରେ ଦେଖିଲେ ଏବେ ରାଜ୍ୟରେ ଓଡ଼ିଆଙ୍କ ପାଇଁ ଜୋରଜବରଦସ୍ତ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଅନୁଭବ ହେଉଛି। ସେଥିପାଇଁ ଆଜି ଭୁବନେଶ୍ୱରଠାରେ ପୁରୁଷ ବିଶ୍ୱକପ୍ ହକି ଆୟୋଜନ କରି ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହାଦ୍ୱାରା ଏଠାରେ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା ହେବା ସହ ଯୁବପିଢ଼ିଙ୍କୁ ଖେଳ ପ୍ରତି ଆକର୍ଷିତ କରିବାର ସୁଯୋଗ ଦେଖାଦେଇଛି। ଯଦିଓ ହକିର ଅନ୍ତୁଡ଼ିଶାଳ

**ତଥାଗତ ସତପଥୀ**

ସୁନ୍ଦରଗଡ଼ ରହିଆସିଛି ଓ ଆମର କେତେକ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି, ତଥାପି କ୍ରିକେଟ ପ୍ରେମ ସମସ୍ତଙ୍କୁ ପାଗଳ କରୁଥିଲା। ବାସ୍ତବରେ ଦେଖିଲେ ଯେଉଁ ଦେଶରେ କ୍ରିକେଟ ଜନ୍ମ ନେଇଥିଲା, ତାହା ପଛରେ ବିୟର ପିଇବାର ନିଶା ନିହିତ ଥିଲା। ଏବେ ଏଠାରେ ସେହି ଖେଳକୁ ପଛରେ ପକାଇ ହକି ଆମକୁ ଆକର୍ଷିତ କରିପାରିଥିବାରୁ ଶାରୀରିକ ଓ ମାନସିକ ସ୍ତରରେ ଆମେ ଅଧିକ ସ୍ୱାସ୍ଥ୍ୟବାନ୍ ହୋଇପାରିବା।

ଭୁବନେଶ୍ୱର ଭଳି ଏକ ସହରରେ ହକି ବିଶ୍ୱକପ୍ ହେଉଥିବାରୁ ତାହାକୁ ସବୁଦିଗରୁ ସ୍ୱାଗତ କରାଯିବା ଦରକାର। ତେବେ କୌଣସି କାର୍ଯ୍ୟକୁ ଖୁଣିବା ସହଜ ହୋଇଥାଏ। ଅପରପକ୍ଷରେ ବାସ୍ତବତାକୁ ପ୍ରକାଶ କରିବାରେ ଦ୍ୱିଧା ରହିବା ଠିକ୍ ନୁହେଁ। ନିଜକୁ ମାର୍ଜିତ କରିବା ଲାଗି ନକାରାତ୍ମକ ସମାଲୋଚନାର ମଧ୍ୟ ଆବଶ୍ୟକତା ରହିଛି। ନଭେମ୍ବର ୨୭ର ଉଦ୍‌ଘାଟନୀ ସମାରୋହକୁ ଦେଖିଲେ ପ୍ରାରମ୍ଭିକ ଅବସ୍ଥାରେ କାର୍ଯ୍ୟକ୍ରମ ଅତ୍ୟନ୍ତ ଖାପଛଡ଼ା ଲାଗିଥିଲା ବୋଲି ସେଠାରେ ଉପସ୍ଥିତ ଦର୍ଶକ ନିଶ୍ଚିତ ଏକମତ ହେବେ। କାରଣ ଉପସ୍ଥାପକମାନେ କିଛି ମୁହୂର୍ତ୍ତ କହିବା ପରେ ମଞ୍ଚରୁ ଉଭାନ୍ ହୋଇଯାଉଥିଲେ। ପରେ କିଛି ସମୟ ବ୍ୟବଧାନ ଛାଡ଼ି ଦିଆଯାଉଥିଲା ବାଦ୍ୟଯନ୍ତ୍ର ଓ ଆଲୋକମାଳାକୁ ଉପଭୋଗ କରିବା ପାଇଁ। ଏହା ଅନେକ ଥର ଘଟିବାରୁ କାର୍ଯ୍ୟକ୍ରମ ଧିମେଇଗଲା ପରି ମନେ ହୋଇଥିଲା। ତା'ଠାରୁ ବଳିପଡ଼ିଥିଲା ବମ୍ବେରୁ ଆସିଥିବା ମହିଳା ଆର୍‌ଜେ (ରେଡିଓ ଜକି)ଙ୍କ ଦୂରଦୃଷ୍ଟିବିହୀନ ଉପସ୍ଥାପନା। ସେ ବାରମ୍ବାର ଭାରତୀୟ ଟିମ୍ ଜିତିବ ବୋଲି ଦର୍ଶକଙ୍କୁ ଚିତ୍କାର କରିବାକୁ ଉତ୍ସାହିତ କରୁଥିଲେ। ପ୍ରକୃତରେ ଖେଳୁଆଡ଼ ମନୋଭାବ ରଖିଥିବା ବା ଏପରି ଭାବନାକୁ ସମର୍ଥନ କରୁଥିବା ବ୍ୟକ୍ତି ସର୍ବଦା 'May the best team win' ଚିନ୍ତାଧାରା ପୋଷଣ କରିଥାଆନ୍ତି। ସେହି ଦୃଷ୍ଟିରୁ ଆର୍‌ଜେଙ୍କ ଭୁଲ ଦେଶପ୍ରେମ ଓଡିଶାର ଆତିଥ୍ୟକୁ ବିଶ୍ୱ ସମ୍ମୁଖରେ ନ୍ୟୂନ କରି ଦେଇଛି। କାରଣ ଏଥିରେ ଅନ୍ତର୍ଜାତୀୟ ସ୍ତରର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି ଓ ସମସ୍ତଙ୍କ ନିକଟରେ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରିବାର ଦକ୍ଷତା ରହିଛି। କାର୍ଯ୍ୟକ୍ରମରେ ବାରମ୍ବାର କୁହାଯାଉଥିଲା ଯେ, ଏହା ୧୬ଟି ରାଷ୍ଟ୍ରରେ ସିଧାପ୍ରସାରଣ ହେଉଛି। ସେଭଳି ସ୍ଥାନରେ ଦେଶପ୍ରେମର ପ୍ରଦର୍ଶନ କେବେହେଲେ ଖେଳ ପ୍ରତିଯୋଗିତା ମନୋଭାବକୁ ପ୍ରୋତ୍ସାହନ ଦେବନାହିଁ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ହେଉ ବା ଶକ୍ତିଶାଳୀ ନେଦରଲାଣ୍ଡସ୍ ଆଦି ଦେଶ, ଯେଉଁଠାରେ ଟେଲିଭିଜନ୍ ଜରିଆରେ ଦର୍ଶକ କାର୍ଯ୍ୟକ୍ରମକୁ ଦେଖିଥିବେ ସେମାନେ ନିଶ୍ଚିତ ଭାବେ ଅବୁଝା ରହିଥିବେ। ୨୦୧୪ରେ ଏଠାରେ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ ବେଳେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଯେଉଁ ପାକିସ୍ତାନ ଖେଳାଳି ଷ୍ଟାଡିୟମ୍‌ରେ ଅଶ୍ଳୀଳ ଭାଷା ବ୍ୟବହାର କରିଥିଲେ, ସେମାନଙ୍କୁ ପାକିସ୍ତାନ ହକି ସଂଘ ଦଣ୍ଡ ଦେଇଥିଲା। କିନ୍ତୁ ଜିତୁଥିବା ପାକିସ୍ତାନ ଟିମକୁ ଭୁବନେଶ୍ୱର ଦର୍ଶକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦୀର୍ଘ ସମୟ ପାଇଁ କରିଚାଲିଥିଲେ। ଓଡିଶାରେ ଏଭଳି ଅବାଞ୍ଛିତ ଦେଶପ୍ରେମର ପ୍ରୟୋଜନ ନାହିଁ। ଓଡିଆ ଯୁବତୀ ଯୁବକମାନେ ଅନ୍ତର୍ଜାତୀୟ ସ୍ତରର ଚିନ୍ତାଧାରା ପୋଷଣ କରିବା ସହିତ ବାସ୍ତବ ସ୍ପୋର୍ଟସ୍‌ମ୍ୟାନ ସ୍ପିରିଟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଏ।

# ନିଷ୍ପ୍ରଭ ସୂର୍ଯ୍ୟର ଇଲାକା



**ନାରାୟଣ ପଣ୍ଡା**

ଏକ ନାତିବୃହତ୍ ମଣ୍ଡଳସ୍ତରୀୟ ସାରସ୍ୱତ ସମାରୋହରେ ଉଦ୍‌ବୋଧନ ଦେଉଥିଲେ ଜନୈକା କବୟିତ୍ରୀ– ସ୍ୱାଧୀନତାର ୭୦ବର୍ଷ ପରେ ପୁରୁଷ ସମାଜର ନାରୀମାନଙ୍କ ପ୍ରତି ଦାସୀସୁଲଭ ଆଚରଣର ବିଲୟରେଖା ଟାଣିଛନ୍ତି ସୁପ୍ରିମ୍‌କୋର୍ଟ। ଏବେ ନାରୀମାନେ ଆଉ ବ୍ୟକ୍ତିଗତ ରୁଚି, ଇଚ୍ଛା, ଅନିଚ୍ଛା, ସଂକଳ୍ପ ଓ ଅଭିଳାଷର ପୂର୍ତ୍ତି ପାଇଁ ପୁରୁଷମାନଙ୍କ ଅନୁମୋଦନ ଆବଶ୍ୟକ କରିବେ ନାହିଁ। ପୁରୁଷମାନେ ସ୍ତ୍ରୀମାନଙ୍କର ମାଲିକ ବୋଲାଇ ପାରିବେ ନାହିଁ। ସମାରୋହରେ ଶତାଧିକ ଦର୍ଶକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଥିଲେ ନିକଟସ୍ଥ ମହାବିଦ୍ୟାଳୟର ଛାତ୍ରୀ। କବୟିତ୍ରୀ କହିଚାଲିଥିଲେ– ନାରୀମାନେ ବର୍ତ୍ତମାନ ତାଙ୍କ ବିବାହିତ ଜୀବନରେ ପତିଭିନ୍ନ ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିପାରିବେ। ଏହି ପରକୀୟା ପ୍ରୀତିକୁ ଆମ ଦେଶର ସୁପ୍ରିମ୍‌କୋର୍ଟ ସ୍ୱୀକୃତି ପ୍ରଦାନ କରିଛନ୍ତି। ପୂର୍ବରୁ ନାରୀମାନେ ଅବୈଧ ସମ୍ପର୍କରୁ ଜନ୍ମ କରୁଥିବା ସନ୍ତାନଙ୍କୁ ବଣବୁଦା, ପାଣିନାଳ କିମ୍ବା ଗୋପନୀୟ ସ୍ଥାନରେ ଫିଙ୍ଗି ଦେଉଥିଲେ। ଏହି ଅବାଞ୍ଛିତ ଶିଶୁମାନଙ୍କ ଜୀବନ ଅକାଳରେ ଝରିପଡୁଥିଲା। ବର୍ତ୍ତମାନ ସେ ସମୟ ଚାଲିଯାଇଛି। ମା'ମାନେ, ଭବିଷ୍ୟତରେ ତୁମ ଜୀବନରେ ଯଦି ଏହିଭଳି ପରିସ୍ଥିତି ସୃଷ୍ଟି ହୁଏ, ମୁଁ ତୁମକୁ କହିବାକୁ ଚାହିଁବି, ତୁମେ ସେ ପିଲାମାନଙ୍କୁ ବାହାରେ ଫୋପାଡି ନ ଦେଇ ବଞ୍ଚାଇ ରଖିବ। ଏମାନଙ୍କର ବଞ୍ଚିବାର ଅଧିକାର ରହିଛି। ଭାରତୀୟ ସଂହିତାରୁ ୪୯୭ ଧାରା ଉଚ୍ଛେଦ ଓ ପରକୀୟା ପ୍ରୀତିକୁ ଆଇନଗତ ବୈଧତା ମିଳିବା ଅବସରରେ ଜଣେ ବର୍ଷୀୟସୀ କବୟିତ୍ରୀଙ୍କର ଏହା ଥିଲା ସମାଜର ନାରୀ ଓ କିଶୋରୀମାନଙ୍କ ପ୍ରତି ସନ୍ଦେଶ। ସତେ ଯେପରି ସମାଜର ସବୁ ପୁରୁଷ ପରକୀୟା ପ୍ରୀତିରେ ପୂର୍ବରୁ ଓ ବର୍ତ୍ତମାନ ସମ୍ପୃକ୍ତ ରହୁଛନ୍ତି ଏବଂ ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ନାରୀମାନଙ୍କୁ ଏକ ଅପୂର୍ବ ସୁଯୋଗ ଦିଆଯାଇଛି! ଯେପରି ପରକୀୟା ପ୍ରୀତିରେ ଲିପ୍ତ ଥିବା ପ୍ରତିଟି ପୁରୁଷଙ୍କର ପତ୍ନୀମାନେ ଅନୁରୂପ କ୍ରିୟାରେ ଲିପ୍ତ ରହି ପ୍ରତିଶୋଧ ନେବାକୁ ଚାହାନ୍ତି ଏବଂ ଏହା ପୁରୁଷତନ୍ତ୍ର ବିରୋଧରେ ନାରୀମାନଙ୍କର ସମୟୋଚିତ ବିଜୟ।

ଭାରତୀୟ ନାରୀ ଗୃହାଶ୍ରମରେ ଜଣେ ପ୍ରତିବଦ୍ଧ ସେବିକା। ତା'ର ପାରିବାରିକ ଦିନଚର୍ଯ୍ୟା, ଆତିଥ୍ୟ, ଧର୍ମାନୁଷ୍ଠାନ, ଦାନପୁଣ୍ୟ ଇତ୍ୟାଦି ଗୃହର ଗରିମା ବୃଦ୍ଧିକରେ। ପତିଭିନ୍ନ ଅନ୍ୟପୁରୁଷକୁ ସ୍ପର୍ଶ କରେନାହିଁ ସେ। ବେଦରେ କୁହାଯାଇଛି, ହେ ଗୃହିଣୀ ପତିଙ୍କ ଜୀବନ ସହିତ ତୁମେ ଆଜୀବନ ଅଭିନ୍ନ ଭାବରେ ସଂଯୁକ୍ତ। ତୁମ ଦାମ୍ପତ୍ୟ ଜୀବନର ସୌରଭ ସମାଜକୁ ସୁବାସିତ କରେ। ତୁମ ଚରିତ୍ର ଓ ଆଚରଣର ଦୀପାଲୋକରେ ଗୃହ ଆଲୋକିତ ହୁଏ। ଗୃହରେ ବାସକରୁଥିବା ବୃଦ୍ଧାବୃଦ୍ଧ, ଯୁବତୀଯୁବକ, ବାଳିକାବାଳକ ଓ ଗୃହପାଳିତ ପଶୁପକ୍ଷୀ ନିର୍ବିଶେଷରେ ସମସ୍ତେ ତୁମର ପ୍ରଜା। ତୁମେ ଗୃହସାମ୍ରାଜ୍ୟର ସଂରାଜ୍ଞୀ। ନାରୀ ବିଶ୍ୱନିର୍ମାଣର ଜନ୍ମବେଦି। ଭାରତୀୟ ସଂସ୍କୃତିରେ କେଉଁଠି ନାରୀଙ୍କୁ ନୀଚ କରାଯାଇ ନାହିଁ। ଏହା ସେମାନଙ୍କର ଆତ୍ମସମ୍ମାନ ଓ ପ୍ରତିଷ୍ଠା ପ୍ରତି ସର୍ବଦା ଯତ୍ନଶୀଳ। ଦାମ୍ପତ୍ୟ ଜୀବନରେ ବେଳେବେଳେ ବିଶ୍ୱାସର ସଙ୍କଟ ସୃଷ୍ଟି ହୁଏ, ତିକ୍ତତା ଉତ୍ପନ୍ନ ହୁଏ କିନ୍ତୁ ଏହା ଭସାବାଦଲ ପରି କ୍ଷଣସ୍ଥାୟୀ। ବିବାହ ପରେ ଅନ୍ୟତ୍ର ସମ୍ପର୍କ ସ୍ଥାପନ ଏବେ ଅସାମ୍ବିଧାନିକ ନ ହୋଇପାରେ। ମାତ୍ର ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ। ଏଠାରେ ନାରୀ ଓ ପୁରୁଷଙ୍କୁ ଭିନ୍ନ ଭିନ୍ନ ତୂଳୀରେ ବିଚାର କରାଯାଇ ନ ପାରେ। ମହିଳାମାନେ ପତିଙ୍କର ସମ୍ପତ୍ତି ନ ହୋଇପାରନ୍ତି, କିନ୍ତୁ ସନ୍ତାନମାନଙ୍କ ପାଇଁ ମା' ଏକ ସ୍ଥାବର ସମ୍ପତ୍ତି। ମା' ନ ଥିଲେ ସନ୍ତାନମାନେ ଦିଗହରା ହେବେ। ଭୁଶୁଡିପଡିବ ସମାଜ। ଏହା ସତ୍ୟ, କେତେକ ମୁଷ୍ଟିମେୟ ଯୋନିକୀଟ ଓ ଅସାମାଜିକ ମାନସିକତାର ବ୍ୟକ୍ତିବିଶେଷ ନାରୀମାନଙ୍କୁ ଉତ୍ପୀଡ଼ନ କରିଆସୁଛନ୍ତି। ସେମାନେ ସମସ୍ତେ ଦଣ୍ଡିତ ହୋଇ ପାରୁନାହାନ୍ତି କିମ୍ବା ଆଇନର ଗଳାବାଟରେ ଖସିଯାଉଛନ୍ତି। ଏହା ସେମାନଙ୍କର ଦୋଷ ନୁହେଁ, ଦୋଷ ଆମ ବ୍ୟବସ୍ଥାର। ବିବାହ ସମୟରେ ବରକନ୍ୟା ଘୋଷଣା କରି କହିଥାନ୍ତି– ହେ ବିଶ୍ୱର ଦେବତାଗଣ, ଆପଣ ଜାଣନ୍ତୁ, ଆମ ଦୁହିଁଙ୍କ ହୃଦୟ ଏକ। ଆମେ ଆଜୀବନ ପରସ୍ପରକୁ ଧାରଣ କରି ରହିବୁ। ଶତ ବାଧାବିଘ୍ନ ସତ୍ତ୍ୱେ କେହି କାହାରିକୁ ପରିତ୍ୟାଗ ନ କରିବାର ଶପଥ ନେଉଛୁ। ଭାରତୀୟ ନାରୀ ପାଇଁ ନିଜ ପତି ସମସ୍ତଙ୍କଠାରୁ ଉତ୍କୃଷ୍ଟ। ନାରୀ ବୀରାଙ୍ଗନା। ତା'ର ସଂସାରରେ ପୁରୁଷଟି କଦବା କେମିତି ଅବାଟରେ ଗଲେ ସେ ତାକୁ ସୁପଥରେ ଆଣିବାକୁ ସାମର୍ଥ୍ୟ ରଖେ। ବିପଥଗାମୀ ପତିଙ୍କୁ ସଂଶୋଧନ କରିବା ପାଇଁ କାହାରି ସାହାଯ୍ୟ ନିଏ ନାହିଁ ସେ। କାମନାର ହୁଙ୍କାରରେ ଓ ବାସନାର ଝଙ୍କାରରେ ପତିପତ୍ନୀ ନିଜର ଅଦମନୀୟ ଜୈବିକ ପିପାସା ପୂରଣ ପାଇଁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଏବଂ ଭିନ୍ନ ଭିନ୍ନ ପୁରୁଷ ଓ ନାରୀଙ୍କ ସହିତ ମିଳିତ ହୋଇ ସୁଦ୍ଧା ଗୃହରେ ସୁଖଶାନ୍ତି ଓ ସନ୍ତୋଷର ସହିତ ସନ୍ତୁଳିତ ଦାମ୍ପତ୍ୟ ଜୀବନ ଅତିବାହିତ କରିପାରିବେ, ଏପରି ଭାବିବା ମୂର୍ଖତା ମାତ୍ର। ଏପରି ଗୃହରେ ବୈକୁଣ୍ଠର ସ୍ନିଗ୍ଧଶୀତଳ ପବନ ପ୍ରବାହିତ ହେବନାହିଁ। ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟରତ ପୁରୁଷ ଓ ସ୍ତ୍ରୀ ଭିନ୍ନ ଭିନ୍ନ ହୋଟେଲରୁ ଖାଇ ଘରକୁ ଫେରିବା ଓ ଭିନ୍ନ ଭିନ୍ନ ସ୍ଥାନରୁ ଦୈହିକ କ୍ଷୁଧା ନିବାରଣ କରି ଘରେ ସନ୍ତାନମାନଙ୍କ ସହିତ ରହିବାରେ ସୁସ୍ଥ ପାରିବାରିକ ଜୀବନ ଉପଲବ୍ଧ ହୁଏ ନାହିଁ। ବୈବାହିକ ଜୀବନରେ ପୁରୁଷ ଓ ସ୍ତ୍ରୀ ପରସ୍ପର ଗୃହ ବାହାରେ ଯୌନ ସ୍ୱାଧୀନତା ଉପଭୋଗ କରିବେ, ଏହା ଗୃହାଚାର ନୁହେଁ। ସାଂସାରିକ ଜୀବନରେ ଯୌନାଚାର ଏକମାତ୍ର ଅଭିଳଷିତ ଲକ୍ଷ୍ୟ ନୁହେଁ। ବିବାହ ଦୁଇଟି ହୃଦୟର ମିଳନ। ହୃଦୟରେ ପରସ୍ପର ପ୍ରୀତି ଓ ସଂକଳ୍ପର ଆହୁତି ପ୍ରଦାନ କରି ଗୃହାଗ୍ନିକୁ ପ୍ରଜ୍ୱଳିତ କରି ରଖୁଥିବା ପତିପତ୍ନୀ ଉଭୟଙ୍କର ସାଧନାକ୍ଷେତ୍ର ଗୃହସଂସ୍ଥାକୁ କେବେ ଅପବିତ୍ର କରିବାକୁ ଚାହିଁବେ ନାହିଁ। ପରନ୍ତୁ ଜୈବିକ ଆକର୍ଷଣ ଏକ ମାନବିକ ପ୍ରବୃତ୍ତି। ସମୟେ ସମୟେ ଏମାନଙ୍କ ମଧ୍ୟରୁ କାହାରି ପାଦ ଖସେ। ଏଥିରେ ତାଙ୍କର ବିପରୀତ ଅଙ୍ଗ ସର୍ବାଧିକ ସହିଷ୍ଣୁତା ଅବଲମ୍ବନ କରିବା କଥା। ସମବେଦନା ଓ ସହାନୁଭୂତିର ସଦ୍‌ଗୁଣରେ ପରସ୍ପର ଭୂଷିତ ହେବା ଦାମ୍ପତ୍ୟଜୀବନର ମୂଳମନ୍ତ୍ର। ଏଥିରେ ଅସଲ ତ୍ୟାଗ ଓ କର୍ତ୍ତବ୍ୟବୋଧ ନିହିତ ଅଛି। କ୍ଷମା ଓ ତ୍ୟାଗରେ ଦାମ୍ପତ୍ୟ ଜୀବନର ସିଦ୍ଧି ଦୁନ୍ଦୁଭିତ ହୁଏ।

୪୯୭ ଧାରାର ଉଚ୍ଛେଦ ସମାଜକୁ ଏପରି ସନ୍ଦେଶ ନ ଦେଉ ଯେ ପରିବାରର କେହି ଜଣେ ଭୁଲ୍ କଲେ ଅପର ଜଣକ ଭୁଲ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବ। ଉକ୍ତ ଆଇନର ପ୍ରତ୍ୟାହାର ପାଇଁ ଏବେ ମୃଦୁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଗଣମାଧ୍ୟମରେ ଏହାର ବ୍ୟାପକ ଆଲୋଚନା କିଶୋରୀ, ଯୁବତୀ ଓ ଗୃହିଣୀମାନଙ୍କ ମନୋଭୂମିରେ ନବସୀତ୍କାରର କଲ୍ଲୋଳ ସୃଷ୍ଟି କରିଛି। ସେମାନଙ୍କର ଏଥିପ୍ରତି ସମର୍ଥନ ଅଧିକରୁ ଅଧିକ ବଢୁଛି। ଜୀବନ ରାସ୍ତାରେ ପାଦ ଖସିଗଲେ ଅନ୍ତତଃ ଦୋଷାରୋପର ଶିକାର ହେବେ ନାହିଁ, ଏକ ନୀରବ ଆଶ୍ୱସ୍ତି ସେମାନଙ୍କ ପ୍ରାଣମନରେ ଝଲସି ଉଠୁଛି। ଅନେକ କ୍ଷେତ୍ରରେ ଗୃହିଣୀମାନଙ୍କ ମନରେ ସୃଷ୍ଟି ହୋଇଛି ଆନ୍ଦୋଳନ। ଅନ୍ତତଃ ସେମାନେ କାହାରି ଅଧୀନ ନୁହନ୍ତି ଏବଂ ନିଜ ଇଚ୍ଛାର ସାମନ୍ତାଣୀ, ଏହା ସେମାନଙ୍କ କାର୍ଯ୍ୟରେ ଧୀରେ ଧୀରେ ପ୍ରକାଶିତ ହେଉଛି। ସ୍ୱାମୀ ଜଣକ ଠିକ୍ ସମୟରେ ଘରକୁ ନ ଫେରିଲେ ପ୍ରତୀକ୍ଷାର ଯାତନା କର୍କଶ କରୁଛି ତାଙ୍କୁ। ମୁଁ ତୁମର କିଙ୍କର ନୁହେଁ। ଛାତିତଳୁ ତାଙ୍କର ଅସହିଷ୍ଣୁତା ପ୍ରତିଧ୍ୱନି ତୋଳୁଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ, ଅନୁରାଗ ଓ ସହଯୋଗ ହିଁ ପରିବାରର ଅପରିହାର୍ଯ୍ୟ ବିଭବ। ଏହା ନ ଥିଲେ ପରିବାରର ଶୃଙ୍ଖଳା ଆସିବ କେଉଁଠୁ? କୋମଳମତି ଶିଶୁମାନେ ମାନିବେ କାହାକୁ? ଧୀରେ ଧୀରେ ଅଶାନ୍ତ ହୋଇଉଠିବ ପାରିବାରିକ ଜୀବନ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ଚିତ୍ର ହୁଏତ ଦୂର ଭବିଷ୍ୟତରେ ଦୃଶ୍ୟମାନ ହେବ। ପୂର୍ବରୁ 'ସମ୍ପର୍କରେ ବାସ କରିଥିବା' ଯୁବତୀଯୁବକଙ୍କ ମନରେ ନୂଆ ଢଙ୍ଗର ଜୀବନଚର୍ଯ୍ୟା ପାଇଁ ଆଗ୍ରହ ବଢିବ। ବିଶେଷକରି ଗୃହଠାରୁ ଦୂରରେ ରହୁଥିବା କର୍ମଜୀବୀ ନାରୀପୁରୁଷମାନଙ୍କ କ୍ଷେତ୍ରରେ ଏହା ଏକ ସାଧାରଣ ଘଟଣା ହେଲାଣି। ଯୁବତୀଯୁବକମାନେ ବିନା ବିଚାରରେ ଏଭଳି ସମ୍ପର୍କରେ ରହିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିବାହ କରିବେ, ପରିବାର ଗଠନ କରିବେ। ଭବିଷ୍ୟତରେ ଏହା ସବୁ ନିର୍ବିଘ୍ନରେ ଯିବନାହିଁ। ପ୍ରାକ୍‌ବିବାହ ଜୀବନର ସମ୍ପର୍କ ଲୁଚି ଲୁଚି ସେମାନଙ୍କ ମନରେ ଆତ୍ମପ୍ରକାଶ କରିବ। ପୁନଶ୍ଚ ସୃଷ୍ଟିହେବ ଦୁର୍ବଳତା। ୪୯୭ର ଉଚ୍ଛେଦ ଏଥିରେ ଅନୁକୂଳ କ୍ଷେତ୍ର ସୃଷ୍ଟି କରିପାରେ। ଅଧିକାରର ସମବଣ୍ଟନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ନଗ୍ନ ବ୍ୟବହାର ସମାଜ ପାଇଁ ମଙ୍ଗଳଦାୟୀ ହେବା ପରିବର୍ତ୍ତେ ସମାଜକୁ ଏକ ନିଷ୍ପ୍ରଭ ସୂର୍ଯ୍ୟର ଇଲାକାରେ ପରିଣତ କରିବ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ସୁନା ପଚାରଇ ଲୁହାକୁ



**ସଂଗ୍ରାମ କେଶରୀ ପୃଷ୍ଟି**

ସ୍ନେହ-ପ୍ରେମ-ମମତା ଏବଂ ବିଶ୍ୱାସକୁ ନେଇ ଗଢି ଉଠୁଥିବା ସୁନ୍ଦର ଓ ମଧୁର ଶବ୍ଦଟିଏ ହେଉଛି ସମ୍ପର୍କ। ଭଲପାଇବା ଓ ବିଶ୍ୱାସ ଥିଲେ ପର ବି ଆପଣାର ପାଲଟିଯାଏ ଓ ଏହାର ଅଭାବରେ ଆପଣା ଲୋକ ବି ପର ହୋଇଯାଏ। ସାମ୍ପ୍ରତିକ ସମାଜରେ ସମ୍ପର୍କ କ୍ରମଶଃ କଳୁଷିତ ହେବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ବିଶ୍ୱାସର ଅଭାବ, ଯେଉଁଥିପାଇଁ କି ଆପଣା ଲୋକଙ୍କ ଦ୍ୱାରା ଭୋଗିବାକୁ ପଡୁଛି ଯାବତୀୟ ଯାତନା।

ସବୁ କଷ୍ଟଠାରୁ ସମ୍ପର୍କୀୟଙ୍କ ଦ୍ୱାରା ମିଳୁଥିବା ଯାତନା ଅଧିକ ଯନ୍ତ୍ରଣାଦାୟକ। ଏଥିରେ ନା କିଛି କହିହୁଏ ନା ସହିହୁଏ। ଜୀବନରେ ସବୁଠୁ ଭଲ ପାଉଥିବା ଲୋକମାନେ ଦୁଃଖ ଦେଲାବେଳେ ଆଖିରୁ ଲୁହ ନୁହେଁ ଲହୁ ଝରେ। ମଣିଷରୁ କ୍ରମଶଃ ଅମଣିଷ ପାଲଟିବାର ମୁଖ୍ୟ କାରଣ ହେଉଛି ସ୍ୱାର୍ଥ। ଏହା ମନରେ ଏମିତି ବସା ବାନ୍ଧି ବସେ ଯେ, ସେଥିପାଇଁ ତୁଚ୍ଛ ପାଲଟିଯାଏ ସମ୍ପର୍କ। ପୂର୍ବରୁ ପାଇଥିବା ଉପକାର ଆଖିରେ ଦେଖାଯାଏ ନାହିଁ। ଯାହା ଦେଖାଯାଏ ତାହା ହେଉଛି ଦୋଷ। ପରିବାରରେ ଆସେ ବିପର୍ଯ୍ୟୟ। ସରିଯାଏ ହସଖୁସି। ଏମିତି ସମୟ ଆସେ, ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥାନ୍ତି। ଅଜାଗା ଘା ନା ଦେଖିହୁଏ ନା ଦେଖାଇ ହୁଏ।

ପରିବାରରେ ଝିଅ-ବୋହୂ ମଧ୍ୟରେ ମନାନ୍ତର-ମତାନ୍ତର ସାଧାରଣ କଥା। ତେବେ ଦୁଃଖର ବିଷୟ ଏଠି ଝିଅର ଭୁଲକୁ ଲୁଚାଯାଏ ଅଥଚ ବୋହୂର ଭୁଲକୁ ସର୍ବସାଧାରଣରେ ପ୍ରକାଶ କରାଯାଏ। ବୋହୂକୁ ପୁଅ ଅଧୀନରେ ରଖି ତାକୁ ଯନ୍ତ୍ରଣା ଦିଆଯାଏ। ତେଣେ ଝିଅ କେମିତି ତା' ସ୍ୱାମୀକୁ ନିଜ ନିୟନ୍ତ୍ରଣରେ ରଖିବ ତାକୁ ମନ୍ତ୍ରଣା ଦିଆଯାଏ। ଘରକୁ ନୂଆବୋହୂର ଆଗମନ ପରେ ଘରେ କୌଣସି ଦୈବୀ ଦୁର୍ଘଟଣା ଘଟିଲେ ସବୁ ଦୋଷ ତା' ମୁଣ୍ଡକୁ ଯାଏ। ବାହାର ଲୋକଙ୍କ ଯାତନା ସହିହୁଏ ମାତ୍ର ଆତ୍ମୀୟସ୍ୱଜନ ତା' ଉପରୁ ହରାଇଥିବା ଆସ୍ଥା ଭରସା ପାଇଁ ବୋହୂଟି ଭୀଷଣ ମାନସିକ ଯନ୍ତ୍ରଣା ପାଇଥାଏ।

ପାରିବାରିକ ରକ୍ତଗତ ସମ୍ପର୍କରେ ତିକ୍ତତା ପଛର ପ୍ରମୁଖ କାରଣ ହେଲା ସମ୍ପତ୍ତିବାଡି, ଯାହାକୁ ନେଇ ଦେଖାଦିଏ ବିବାଦ। କ୍ରମଶଃ ତାହା ଉଗ୍ରରୂପ ଧାରଣ କରେ। ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ମୁହୂର୍ତ୍ତକ ମଧ୍ୟରେ ବଦଳିଯାଆନ୍ତି ଘରର ମଣିଷମାନେ। ଗୋଟିଏ ଛାତ ତଳେ ରହି ମଧ୍ୟ ପରସ୍ପର ପ୍ରତି ଥାଏ ପ୍ରତିଶୋଧର ଭାବନା। ଜଣେ କେହି ରୋଗଶଯ୍ୟାରେ ପଡି ଛଟଛଟ ହେଉଥିଲେ ମଧ୍ୟ ଅନ୍ୟ କାହାର ସମବେଦନା ନ ଥାଏ। ରୋଗଯନ୍ତ୍ରଣାଠାରୁ ଏ ଯାତନା ବଳିପଡେ। ଘର ଅଗଣାରେ ଝୁଣ୍ଟିପଡି ଅବୋଧ-ନିଷ୍ପାପ ଶିଶୁଟି ରାହା ଧରି କାନ୍ଦୁଥିବା ବେଳେ ରକ୍ତ ସମ୍ପର୍କର ମଣିଷଙ୍କ ମଧ୍ୟରୁ କାହାର ହାତ ସେ ଆଡକୁ ଯାଏନି। କାହିଁକି ନା ତାଙ୍କ ହାତ ସ୍ୱାର୍ଥରେ ହିଁ ବନ୍ଧାଥାଏ। ଅଧିକାଂଶ ଶିଶୁ ଯୌନ ନିର୍ଯାତନା ଓ ବ୍ୟଭିଚାର ପଛରେ ଦାୟୀ ରହନ୍ତି ନିକଟ ସମ୍ପର୍କୀୟ।

ସମ୍ପର୍କୀୟଙ୍କ ଯାତନାରୁ ବାଦ୍ ପଡନ୍ତି ନାହିଁ ଜନ୍ମ ଦେଇଥିବା ବୃଦ୍ଧ ମାତାପିତା। ଯେଉଁ ମାତାପିତା ଜନ୍ମ ଦେଇଥିବା ପାଞ୍ଚ ପିଲାଙ୍କ ପାଇଁ ନିଜ ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଥାନ୍ତି, ସେମାନେ ବଡ ହୋଇଗଲା ପରେ ମାତାପିତାଙ୍କ ଭରଣପୋଷଣ ପାଇଁ ପାଞ୍ଚ ଜଣକ ମଧ୍ୟରେ ଭାଗ ବସାନ୍ତି। ସେଥିରେ ପୁଣି ଦିଆଯାଏ ଯାବତୀୟ ମାନସିକ ନିର୍ଯାତନା। ସେମାନେ ରୋଗଶଯ୍ୟାରେ ପଡିଥିଲେ ସେବାଶୁଶ୍ରୂଷା ତ ଦୂରର କଥା ଔଷଧ ପଥିର ବି ଅଭାବ ଘଟେ। ଆଦରଯତ୍ନ ତ ବହୁ ଦୂରରେ। ଖାଲି ସେତିକି ନୁହେଁ, ମୃତ୍ୟୁ ପରେ ବି ଭୋଗିବାକୁ ପଡେ ଯାତନା। ଶବ ପାଇଁ କାନ୍ଧର ଅଭାବ ଘଟେ। ମଡା ବାସି ପାଲଟିଯାଏ। ନିଜ ଅହଂକାରକୁ ନେଇ ସମାଜରେ ପ୍ରତିଷ୍ଠିତ ସେହି ପୁଅମାନେ ଅଲଗା ଅଲଗା କ୍ରିୟାକର୍ମ କରି ଆଭିଜାତ୍ୟ ଦେଖାଇବାରେ ଲାଗିପଡନ୍ତି। ଅଗତ୍ୟା ମୃତ୍ୟୁ ପରେ ମଧ୍ୟ ସେ ଅଦୃଶ୍ୟ ଆତ୍ମା ସମ୍ପର୍କର ଯାତନା ସହିବାକୁ ବାଧ୍ୟ ହୁଏ।

ରୁଗ୍‌ଣ ମାନସିକତା ହିଁ ମଣିଷପଣିଆର ବିପର୍ଯ୍ୟୟ ଘଟାଏ। କେତେକ ନିଜର ଔଦ୍ଧତ୍ୟ ଓ ବଡିମା ପ୍ରଦର୍ଶନ କରିବାକୁ ଯାଇ ନିଜ ଲୋକଙ୍କୁ ଶାରୀରିକ ଓ ମାନସିକ ଯାତନା ଦେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ଆବଶ୍ୟକ ସ୍ଥଳେ ନିଜ ଲୋକକୁ ପାଗଳର ଆଖ୍ୟା ଦେଇ ତା' ଗୋଡରେ ବେଡି ପକାଇ ଘର ଭିତରେ ବନ୍ଦୀ କରାଯାଏ। ସତ କହୁଥିବା ଲୋକର ମୁହଁ ବନ୍ଦ କରିବା ପାଇଁ ସେ ଯେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରେ। ଗଛର ଖଣ୍ଡେ କାଠ ବେଣ୍ଟଟିଏ ସାଜି କୁରାଢି ଦେହରେ ପଶେ ଓ ତାକୁ ଜନ୍ମ ଦେଇଥିବା ଗଛକୁ କାଟେ। କୁରାଢିର ଆଘାତ ଗଛକୁ ଯେତିକି ଯନ୍ତ୍ରଣା ଦେଇ ନ ଥାଏ ତା'ଠୁ ଅଧିକ ଯନ୍ତ୍ରଣା ଦିଏ ବେଣ୍ଟର ଏ ଭାବନା।

ଗୋଟିଏ ଜାଗାରେ ଥିଲା ଦୁଇଟି ଦୋକାନ। ଗୋଟିଏ ବଣିଆ ଦୋକାନ ଓ ଅନ୍ୟଟି କମାରଶାଳ। ତେବେ କାମ କରୁଥିବା ବେଳେ ବଣିଆ ଦୋକାନରୁ କମ୍ ଶବ୍ଦ ଆସୁଥିବା ବେଳେ କମାରଶାଳରୁ ଅଧିକ ଶବ୍ଦ ଆସୁଥିଲା। ଦିନେ ଛିଟିକି ପଡିଥିବା ଲୁହାଖଣ୍ଡକୁ ଦେଖି ସୁନାଖଣ୍ଡ ପଚାରିଲା– ଆମ ଦୁହିଙ୍କୁ ତ ସମାନ ହାତୁଡିରେ ପିଟାଯାଉଛି। ନିଆଁରେ ବି ତରଳାଯାଉଛି। ଦୁହିଙ୍କ କଷ୍ଟ ବି ସମାନ। ହେଲେ ତୁମେ ବେଶି ଚିତ୍କାର ଛାଡୁଛ କାହିଁକି? ଲୁହାଖଣ୍ଡ ଉତ୍ତର ଦେଲା– ଭାଇ ତୁମେ ସୁନା କିନ୍ତୁ ତୁମକୁ ଲୁହା ହାତୁଡି ପିଟୁଛି। ମୁଁ ଲୁହା ଆଉ ମୋତେ ସେଇ ଲୁହା ହାତୁଡି ପିଟୁଛି। ଅନ୍ୟମାନେ କଷ୍ଟ ଦେଲେ ଯେତେ ବାଧେ ନାହିଁ, ନିଜ ଲୋକ କଷ୍ଟ ଦେଲେ ବହୁତ ବାଧେ। ତେଣୁ ମୁଁ ବିକଳରେ ଚିତ୍କାର ଛାଡୁଛି।

ଏ ଦୁନିଆଟା ଏମିତି ଯେ ଶହେଟି ଭଲ କାମ କରି ଗୋଟିଏ ଭୁଲ କାମ କଲେ ଲୋକମାନେ ସବୁ ଭୁଲିଯିବେ, କେବଳ ଭୁଲ କାମଟିକୁ ମନେ ରଖିଥିବେ। ଆଉ ତାକୁ ଠିକ୍ ସମୟରେ ପ୍ରୟୋଗ କରିବେ। ସମ୍ପର୍କ ଭିତରେ ଏ ଭାବନା ବେଶ୍ କଷ୍ଟ ଦିଏ। ଆତ୍ମଘାତୀ କାର୍ଯ୍ୟ ମାରାତ୍ମକ ନିଶ୍ଚିତ। ସମ୍ପର୍କରେ ବାଧା ସୃଷ୍ଟି କରୁଥିବା ମଣିଷମାନେ ଜଣେ ଜଣେ ବିଶ୍ୱାସଘାତକ। ସକାରାତ୍ମକ ଚିନ୍ତାଧାରା ଓ ନିଃସ୍ୱାର୍ଥପର ଭାବନା ସମ୍ପର୍କକୁ ବଜାୟ ରଖିପାରିବ। ଅନ୍ୟର ହସ ଭିତରର କଷ୍ଟ, ରାଗ ଭିତରର ଭଲପାଇବା ଓ ନୀରବତା ଭିତରର ଅପେକ୍ଷାକୁ ବୁଝିପାରିଲେ ସମ୍ପର୍କ ସୁଦୃଢ ହୋଇପାରିବ। ସେଠି ନା ରହିବ ଯାତନା ନା ରହିବ ପ୍ରତାରଣା। ଥିବ ପ୍ରଚୁର ଭଲ ପାଇବା।

ରାଜକିଶୋରନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ସରକାର ଅନେକ ଯୋଜନା ଘୋଷଣା କରନ୍ତି। କିନ୍ତୁ ତନ୍ମଧ୍ୟରୁ କେତେକ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ। ଆଉ କେତେକ ଯୋଜନା ଲୋକଙ୍କ ଦ୍ୱାରଦେଶରେ ପହଞ୍ଚୁଥିଲେ ବି ତାହା ଠିକ୍‌ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଲୋକଙ୍କୁ ମିଳିଛି ସରକାରୀ ମୋବାଇଲ୍। ଅଥଚ ତାହା ବ୍ୟବହାର କରିବାକୁ ଲୋକଙ୍କୁ ଚଢ଼ିବାକୁ ପଡୁଛି ଗଛ। ଏଥିରେ ପୁଣି ଜୀବନ ପ୍ରତି ବିପଦ ଅଛି। ଏପରି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଜଗଦଲପୁର ଅନ୍ତର୍ଗତ କାୱାପାଲ ଅଞ୍ଚଳରେ। ଏଠାରେ ମୋବାଇଲ୍ ନେଟ୍‌ୱର୍କ ଧରୁନି। ସଞ୍ଚାର କ୍ରାନ୍ତି ଯୋଜନାରେ ଏଠାକାର ବାସିନ୍ଦାମାନଙ୍କୁ ମାଗଣାରେ ମୋବାଇଲ୍ ହ୍ୟାଣ୍ଡସେଟ୍ ଯୋଗାଇ ଦିଆଯାଇଛି। ମାତ୍ର ଏଠାରେ କୌଣସି ଟାୱାର ନ ଥିବାରୁ ଲୋକେ ମୋବାଇଲ୍ ସେବାର ଲାଭ ଉଠାଇ ପାରୁନାହାନ୍ତି। ମୋବାଇଲ୍‌ରେ କଥାବାର୍ତ୍ତା ହେବାପାଇଁ ଲୋକଙ୍କୁ ୫୦ଫୁଟ ଉଚ୍ଚ ଗଛରେ ଚଢ଼ିବାକୁ ପଡୁଛି। ଏଥିପାଇଁ ଗଛକୁ ଲଗାଇ ଏକ ସ୍ଥାୟୀ ଶିଡି ନିର୍ମାଣ କରାଯାଇଛି। ରାତିରେ ଗର୍ଭବତୀ ମହିଳାଙ୍କର ଯନ୍ତ୍ରଣା ହେଲେ ଗଛରେ ଚଢ଼ି ସଞ୍ଜୀବନୀ ଏକ୍ସପ୍ରେସ୍‌କୁ କଲ୍ କରିବାକୁ ପଡୁଛି। ଏହି ଅଞ୍ଚଳକୁ ସ୍ଥାୟୀ ସଡକପଥ ନିର୍ମାଣ କରାଯାଇଥିଲେ ହେଁ ସ୍ୱାସ୍ଥ୍ୟସେବାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି।

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍‌ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।''
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୩

- ପାକିସ୍ତାନ ନିଜ ନୌବାହିନୀର ଜାହାଜଗୁଡ଼ିକର ଆଧୁନିକୀକରଣ କରିବାକୁ ୧୦୦ ନିୟୁତ ଡଲାର ଅର୍ଥ ବ୍ୟୟ କରିବାକୁ ନିଷ୍ପତ୍ତି ନେଇଛି।
- ଇରାକ ନିଜର ପ୍ରତିରକ୍ଷା ଘାଟି ଓ ଅସ୍ତ୍ରଶସ୍ତ୍ର ଦୀର୍ଘମିଆଦୀ ସୂତ୍ରରେ ତଦାରଖ ପାଇଁ ଜାତିସଂଘକୁ ଅନୁମତି ଦେଲା।

## ପାଠକ ଶ୍ରେଷ୍ଠ ବିଚାରକ

### ମୁହଁରେ କପଡ଼ା ବାନ୍ଧିବା ବନ୍ଦ ହେଉ

ମହାଶୟ,

ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ଜରୁରୀ, ଯାହାକି ଛୋଟବଡ ଦୁର୍ଘଟଣା ତଥା ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରେ। ହେଲେ ଆଜିକାଲି ଦେଖିବାକୁ ମିଳୁଛି ବାରମ୍ବାର ସଚେତନ କରାଗଲେ ମଧ୍ୟ ବିଶେଷତଃ ମହିଳାମାନେ ମୁଣ୍ଡରେ ହେଲମେଟ୍ ପିନ୍ଧିବା ବଦଳରେ ମୁହଁରେ କପଡା ବାନ୍ଧି ମୁହଁକୁ ସମ୍ପୂର୍ଣ୍ଣ ଲୁଚାଇ ରଖୁଛନ୍ତି। ଉଦ୍ଦେଶ୍ୟ ସେମାନଙ୍କୁ କେହି ଚିହ୍ନି ନ ପାରନ୍ତୁ। ସିନେମା, ପାର୍କ ହୋଟେଲ ଆଦି ସ୍ଥାନକୁ ଗଲେ ବା କୌଣସି ବୟଫ୍ରେଣ୍ଡ ସହିତ ବୁଲିଲେ କେହି ଚିହ୍ନିପାରିବେ ନାହିଁ। ତେଣୁ ଏହା ଉପରେ ସରକାରୀ ସ୍ତରରେ କଟକଣା ହେବା ଉଚିତ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

### ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଆଗରୁ ପିଲାମାନେ ଆଦର୍ଶ ନୀତିନିଷ୍ଠ ମଣିଷ ହେବା ପାଇଁ ପ୍ରାଥମିକ ସ୍ତରରୁ ଶିକ୍ଷା ପାଉଥିଲେ। କିନ୍ତୁ ଆଜିକାଲି କେଉଁ ପାଠ ପଢିଲେ ଅଧିକ ଧନ ରୋଜଗାର ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସ୍ଥିର କରାଯାଉଛି। ମଣିଷ ଯେତେ ଜ୍ଞାନର ଅଧିକାରୀ ହେଲେ ମଧ୍ୟ ଯଦି ତା'ର ନୈତିକତା, ସାଧୁତା ଓ ମାନବିକତା ନାହିଁ ତେବେ ସେ ଜ୍ଞାନର ମୂଲ୍ୟ କିଛିନାହିଁ। ନୈତିକତା ବିହୀନ ଜ୍ଞାନ ମଣିଷକୁ ଅବାଟରେ ନେଇଯାଏ। ଫଳରେ ମଣିଷ ଅସାଧୁ ଓ ଦୁର୍ନୀତିଗ୍ରସ୍ତ ହୁଏ। ତେଣୁ ଶିକ୍ଷା ସହିତ ନୈତିକତା ଶିକ୍ଷା ଦିଆଗଲେ ଭବିଷ୍ୟତରେ ଜଣେ ଛାତ୍ର ଭଲ ମଣିଷ ହେବା ସହ ନିଜର ଓ ସମାଜର ମଙ୍ଗଳ କରିପାରିବ। ଏ ପରିପ୍ରେକ୍ଷୀରେ ଧରିତ୍ରୀ (୧୦।୧୧)ରେ ପ୍ରକାଶିତ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଲେଖା 'ଶିକ୍ଷା ଓ ନୈତିକ ମୂଲ୍ୟବୋଧ' ଅତ୍ୟନ୍ତ ଶିକ୍ଷଣୀୟ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 8 | | | A | | | | | C | 2 | | | 9 |
| C | | | | | | | 5 | | | | | 6 | E | |
| 6 | | A | | D | | | | | B | | 9 | | | |
| | E | | 7 | | 4 | B | 6 | D | | | 1 | | | C |
| | | | 1 | | 5 | | | | | E | | | | |
| | | | | | | 6 | | | D | | B | | A | |
| | 6 | | | | 7 | 8 | 3 | | | 2 | 0 | E | 9 | |
| D | | | | | 9 | | | 7 | 8 | | | 2 | 4 | |
| | | | | | | | | 4 | | A | 5 | 8 | | |
| 9 | | | 6 | C | 0 | | | A | | 4 | | | | |
| | | | | | 3 | | 8 | | A | | | | 0 | 7 |
| A | | | 5 | | | E | | 3 | | 7 | 6 | | 2 | |
| | | | | | | | | | 1 | B | | 5 | | 8 |
| | | B | | 7 | | | 1 | 5 | | 3 | 8 | D | | |
| | 0 | | D | | E | | B | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | 4 | E | D | 8 | A | 6 | 3 | 7 | 5 | 2 | 9 | C | 0 |
| A | D | 0 | 6 | 4 | 1 | 2 | C | 9 | B | E | 3 | 7 | 8 | 5 |
| 9 | 6 | 3 | 2 | B | 7 | D | 4 | 5 | 8 | C | 0 | 1 | A | E |
| 8 | C | 2 | A | 5 | 3 | E | 7 | 0 | 4 | 1 | 9 | 6 | B | D |
| E | 5 | 7 | 0 | 9 | C | 8 | 1 | B | A | 6 | D | 3 | 2 | 4 |
| 1 | 4 | A | B | 3 | 9 | 6 | 0 | E | 2 | 7 | 5 | 8 | D | C |
| 0 | 3 | 8 | C | A | E | 1 | 2 | 7 | 6 | D | 4 | B | 5 | 9 |
| 5 | 9 | D | 8 | 2 | 6 | 4 | 3 | A | C | 0 | B | E | 7 | 1 |
| 7 | 2 | C | D | 1 | 5 | 9 | B | 8 | E | 3 | A | 4 | 0 | 6 |
| 6 | E | B | 7 | 0 | 4 | C | 5 | D | 9 | 8 | 1 | 2 | 3 | A |
| 2 | 0 | 6 | 1 | C | B | 7 | 8 | 4 | D | A | E | 5 | 9 | 3 |
| C | B | 1 | 5 | E | D | 3 | 9 | 2 | 0 | 4 | 8 | A | 6 | 7 |
| 4 | A | E | 9 | 8 | 0 | 5 | D | 6 | 3 | B | 7 | C | 1 | 2 |
| 3 | 8 | 5 | 4 | 7 | 2 | 0 | A | C | 1 | 9 | 6 | D | E | B |
| D | 7 | 9 | 3 | 6 | A | B | E | 1 | 5 | 2 | C | 0 | 4 | 8 |

ଗତକାଲିର ଉତ୍ତର

**ସଂକ୍ଷେପରେ**

## ସଫଳ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର ଅଫିସ,୨୭।୧୧:** ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ସଫଳ ବକ୍ସିଂ ଖେଳାଳିଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଖଣ୍ଡୀୟ ବନାଞ୍ଚଳ ଅଧିକାରୀ, ଆଞ୍ଚଳିକ ବିକାଶ ପରିଷଦ, ବ୍ରହ୍ମପୁର ସବୁଜ ବାହିନୀ ଏବଂ ମାରୱାଡ଼ି ମହିଳା ସମିତି ମିଳିତ ଆନୁକୂଲ୍ୟରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବକ୍ସିଂ ଓଡ଼ିଶାର ସଭାପତି ଟି.କ୍ରିଷ୍ଣା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ବ୍ରହ୍ମପୁର ଡିଏଫ୍ଓ ଆଶିଷ ବେହେରା ଏବଂ ବିଡ଼ିଏ ଅଧକ୍ଷ ସୁବାସ ମହାରଣା ଯୋଗ ଦେଇଥିଲେ। ଆଲ୍ଲାହାବାଦ୍‌ରେ ସଦ୍ୟ ସମାପ୍ତ ହୋଇଥିବା ୬୧ତମ ଜାତୀୟ ପୁରୁଷ ବକ୍ସିଂ ଚାମ୍ପିୟନ୍‌ଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଅରଜିତ୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ତାଙ୍କ ପ୍ରଶିକ୍ଷକ ତଥା ରାଜ୍ୟର ଏକ ମାତ୍ର ଏନ୍‌ଆଇଏସ୍ ଡିପ୍ଲୋମାଧାରୀ ମହିଳା ବକ୍ସିଂ କୋଚ୍ ମନୋରମା ମହାରଣାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଖେଳିଥିବା ଅନ୍ୟ ୬ଜଣ ଖେଳାଳିଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବକ୍ସିଂ ଓଡ଼ିଶାର ସାଧାରଣ ସମ୍ପାଦକ କବିରାଜ ଗୌଡ଼, ଉପସଭାପତି ସୁଖେନ୍ଦୁ କୁମାର ଦାସ ଏବଂ ଡିଏଫ୍ଓ ଆଶିଷ କୁମାର ବେହେରା ପରିଚାଳନା କରିଥିଲେ। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରାମ ପାଣିଗ୍ରାହୀ, ଏମ୍.ଦିଲ୍ଲୀପ କୁମାର, ମମତା ଚୌଧୁରୀ, ରୁବି ଖେମାନି, ରେଞ୍ଜର ଏ. ରାଜା ରାଓ ସୁବୁଦ୍ଧି, ପରମାନନ୍ଦ ପାଣିଗ୍ରାହୀ, ଦିଲ୍ଲୀପ କୁମାର ମାର୍ଥା, କିରଣକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଯାନରେ ଲାଗୁନି ରୋକ

**ବ୍ରହ୍ମପୁର ଅଫିସ,୨୭।୧୧**

ବ୍ରହ୍ମପୁରରେ ଜନସଂଖ୍ୟା ଯେଉଁ ଅନୁପାତରେ ବଢୁଛି ସେହି ଅନୁପାତରେ ଗାଡିମୋଟର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଅଧିକାଂଶ ସମୟରେ ସହରର ବିଭିନ୍ନ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଶବ୍ଦ ଓ ବାୟୁ ପ୍ରଦୂଷଣ ଦେଖିବାକୁ ମିଳିଥାଏ। ତେବେ ଏ ସବୁ ମଧ୍ୟରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଯାନରେ ରୋକ ଲାଗୁନି। ଫଳରେ ସମସ୍ୟା ସୃଷ୍ଟି କରୁଛି। ଜାତୀୟ ପରିବେଶ ସଂରକ୍ଷଣ ଆଇନ ୧୯୮୬ ପ୍ରକାରେ ବାଇକ୍ ଏବଂ ସ୍କୁଟର ଆଦି ଗାଡି କେବଳ ୮୦ ଡେସିବଲ ଶବ୍ଦ ସୃଷ୍ଟି କରିପାରିବାର ନିୟମ ରହିଛି। ଏଥିପାଇଁ ଗାଡି କମ୍ପାନୀ ସବୁ ମୋଟରଯାନ ପ୍ରସ୍ତୁତ କରିବା ପରେ ଏଆରଏଆଇ(ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏଶନ ଇଣ୍ଡିଆ)କୁ ପରୀକ୍ଷା ନିରୀକ୍ଷା କରିବାକୁ ଦେଇଥାନ୍ତି। ଏଆରଏଆଇ ପକ୍ଷରୁ ଅନ୍ ରୋଡ୍ ଆପ୍ରୁଭାଲ୍ ପାଇବା ପରେ ଗାଡି ବିକ୍ରି ହୋଇଥାଏ। ତେବେ କିଛି ବାଇକ୍ ସୌଖୀନ୍ ବ୍ୟକ୍ତି ଉଚ୍ଚ ଶବ୍ଦ କରୁଥିବା ଏକଜ୍ୟୁଷ୍ଟର୍ ସାଇଲେନ୍‌ସର୍‌କୁ ଲଗାଇଥାନ୍ତି। ଯଦ୍ୱାରା ୧୨୦ରୁ ୧୩୦ ଡେସିବଲ୍ ଯାଏ ଶବ୍ଦ ସୃଷ୍ଟି ହେଉଛି। ତେବେ ରାସ୍ତା ଉପରେ ଯାଉଥିବା ସମୟରେ ଏହି ସାଇଲେନ୍‌ସର୍ ଗୁଡିକ ବିକଟାଳ ଗର୍ଜନ ଶବ୍ଦ ସୃଷ୍ଟି କରି ଲୋକଙ୍କୁ ବିରକ୍ତ କରାଉଥିବା ବେଳେ ଶବ୍ଦ ପ୍ରଦୂଷଣ ମଧ୍ୟ ହେଉଛି। ସେଣ୍ଟ୍ରାଲ୍ ମୋଟର ଭେଇକଲ ନିୟମ ୧୯୮୯ ପ୍ରକାରେ ଏଆରଏଆଇଠାରୁ ସ୍ୱୀକୃତି ପାଇଥିବା ଯେ କୌଣସି ଗାଡିକୁ ପୁଣି ଥରେ ରିମଡେଲିଂ କରିବା କିମ୍ବା ସେଥିରେ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଏକଜ୍ୟୁଷ୍ଟର୍ ସାଇଲେନ୍‌ସର୍ ସଂଯୋଗ କରିବାକୁ ସମ୍ପୂର୍ଣ୍ଣ ନିଷେଧାଦେଶ ରହିଛି।



ଏକ ବୁଲେଟ୍‌ରେ ୮୦ ଡେସିବଲରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟିକାରୀ ସାଇଲେନ୍‌ସର ଲଗାଇଛନ୍ତି।

### ସେମାନେ ଯାହା କୁହନ୍ତି

ବିଶେଷ କରି ଯୁବପିଢି ଅତ୍ୟଧିକ ମୂଲ୍ୟର ସ୍ପିଡ୍ ବାଇକ୍ କିଣି ମାତ୍ରାଧିକ ସାଉଣ୍ଡ ସୃଷ୍ଟି କରୁଥିବା ଏକ୍‌ଜ୍ୟୁଷ୍ଟର୍ ସାଇଲେନ୍‌ସର୍ ସଂଯୋଗ କରି ରାସ୍ତାରେ ବେପରୁଆ ଭାବେ ଗାଡି ଚଲାଇଛନ୍ତି। କେବଳ ବାଇକ୍ ରାଇଡର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ୮୦ ଡେସିବଲରୁ ଅଧିକ ଶବ୍ଦ ପ୍ରସ୍ତୁତିକାରୀ ସାଇଲେନ୍‌ସର୍ ବିକ୍ରେତାଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ନିର୍ମଳ ସାହୁ, ଆଇନଜୀବୀ, ବ୍ରହ୍ମପୁର**

ମାତ୍ରାଧିକ ଶବ୍ଦ କରି ଗାଡି ଚଲାଉଥିବା ଚାଳକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ଦୁଇ ମାସ ମଧ୍ୟରେ ବହୁ ବାଇକ ରାଇଡର୍ସମାନଙ୍କୁ ୮୦ ଡେସିବଲରୁ ଅଧିକ ଶବ୍ଦ ପ୍ରସ୍ତୁତ କରୁଥିବା ସାଇଲେନ୍‌ସର ଗୁଡିକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେବା ସହିତ ଜରିମାନା ଆଦାୟ କରାଯାଉଛି।

**- ଏସ୍.କିଷାନ୍, ଆଇଆଇସି, ଟ୍ରାଫିକ୍ ଥାନା**

ମୋଟର ଭେଇକଲ୍ ଆକ୍ଟ ୧୯୮୮ ପ୍ରକାରେ ୧୯୨ ସେକ୍ସନ ଅନୁଯାୟୀ ମାତ୍ରାଧିକ ଶବ୍ଦ କରି ରାସ୍ତାରେ ଯାଉଥିବା ବାଇକ୍ ରାଇଡର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମିତିକି ମଲ୍ଟି ଟୋନ୍ ହର୍ନ ପାଇଁ ମଧ୍ୟ କଟକଣା ରହିଛି। ନିୟମର ଖିଲାପକାରୀଙ୍କ ଠାରୁ ପାଞ୍ଚ ହଜାରରୁ ୧୦ ହଜାର ଟଙ୍କା ଯାଏ ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଆବଶ୍ୟକ ପଡିଲେ ରେଜିଷ୍ଟ୍ରେଶନ୍ କ୍ୟାନ୍‌ସଲ୍ ହେବା ସହିତ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡବିଧାନ ରହିଛି।

**- ସଞ୍ଜୟ ବିଶ୍ୱାଳ, ଆର୍‌ଟିଓ, ଗଞ୍ଜାମ**



ପ୍ରତିଯୋଗୀମାନେ ରଙ୍ଗୋଲି କରୁଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ, ୨୭।୧୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିଜି ହଷ୍ଟେଲ ୱାର୍ଡେନ ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ କଣ୍ଠସଙ୍ଗୀତ, ବକ୍ତୃତା, ଇଲୋକୁସନ, ରଙ୍ଗୋଲି, ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣ୍ଠ ସଙ୍ଗୀତରେ ଗୀତିକାର ତଥା କଣ୍ଠଶିଳ୍ପୀ ଅଶ୍ୱନୀ ମହାପାତ୍ର, ପ୍ରଫେସର ଗୀତାଞ୍ଜଳି ମିଶ୍ର, ଡ. ସରୀତା ଦାଶ, ଡ. ବିକାଶ ବାକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ରଙ୍ଗୋଲିରେ ଡ. ଲିଲା ବେଣୀ ଓ ଡ. ସଲିଳ ଦାଶ, ପେଣ୍ଟିଂରେ ଡ. ସସ୍ମିତା ସିହ୍ନା ଓ ଡ. ଶକ୍ତିରଞ୍ଜନ ଦାଶ ବିଚାରକ ଭାବେ ଉପସ୍ଥିତ ଥିଲେ। ବକ୍ତୃତାରେ ଡ. ସଦାନନ୍ଦ ନାୟକ, ଡ. ସତ୍ୟବ୍ରତ ପାତ୍ର, ଡ. ଶ୍ରୁତି ଦାଶ ଏବଂ ଇଲୋକୁସନରେ ଡ. ନୀହାର ମିଶ୍ର, ଡ. ଅନିଲ କୁମାର ତିରିୟା, ଡ. ବିଶ୍ୱରଞ୍ଜନ ମେହେର ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। ସଂଯୋଜିକା ଡ. ସନ୍ଧ୍ୟାରାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବାଶିଷ ମିଶ୍ର, ଜେ. ଶ୍ରୀନିବାସ, ଦୀପକ ପ୍ରଧାନ, ରାଧାଶ୍ୟାମ ସାହୁ, ସୋମନାଥ ପାତ୍ର, ବିଶ୍ୱଜିତ ଲେଙ୍କା, ସିଦ୍ଧାର୍ଥ ସାହୁ ଓ ପ୍ରକାଶ ଦଳାଇ ପ୍ରମୁଖ ଛାତ୍ର ନେତା ସହଯୋଗ କରିଥିଲେ। ଏଥିରେ ୯ ମହାବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଏଫ୍‌ସିଆଇ କର୍ମଚାରୀଙ୍କ ଅନଶନ ଧର୍ମଘଟ

**ବ୍ରହ୍ମପୁର ଅଫିସ,୨୭।୧୧**

ଦରମା ବୃଦ୍ଧି ଦାବିରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) କର୍ମଚାରୀ ସଂଘ ତରଫରୁ ମଙ୍ଗଳବାର ଦିନିକିଆ ଅନଶନ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର କାର୍ଯାଳୟ ସମ୍ମୁଖରେ ଆୟୋଜିତ ଧର୍ମଘଟରେ ବହୁ ତୃତୀୟ ଏବଂ ଚତୁର୍ଥଶ୍ରେଣୀ କର୍ମଚାରୀ ଭାଗ ନେଇଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଦରମା ବୃଦ୍ଧି କରାଯାଉ ନ ଥିବା ଯୋଗୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କର୍ମଚାରୀଙ୍କ ଅଭିଯୋଗ ହେଲା, ୨୦୦୭ ଜାନୁୟାରୀ ୧ ତାରିଖରେ ଶେଷ ଥର ପାଇଁ ଦରମାରେ ୩୦ପ୍ରତିଶତ ବୃଦ୍ଧି କରାଯାଇଥିଲା। ପ୍ରତି ୧୦ ବର୍ଷକୁ ଥରେ ଦରମା ବୃଦ୍ଧି ହୋଇଥାଏ। ଏହି କ୍ରମରେ ୨୦୧୭ରେ ଦରମା ବଢ଼ିବା କଥା। ହେଲେ ୨୦୧୮ ନଭେମ୍ବର ସୁଦ୍ଧା ଦରମା ବୃଦ୍ଧି କରାଯାଇନାହିଁ। ସରକାରଙ୍କ ତରଫରୁ କୁହାଯାଉଛି, ଏଫ୍‌ସିଆଇ କ୍ଷତିରେ ଚାଲଥିବା ଯୋଗୁ ଦରମା ବୃଦ୍ଧି କରାଯାଉନି। ହେଲେ କ୍ଷତି ପାଇଁ ସରକାରଙ୍କ ନୀତି ଦାୟୀ। ଏଥିରେ କର୍ମଚାରୀଙ୍କ କୌଣସି ଭୂମିକା ନାହିଁ। ଏଣୁ ତୁରନ୍ତ ଦରମା ବଢ଼ାଇବା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି। ଏଫ୍‌ସିଆଇ କର୍ମଚାରୀ ସଂଘ ଜିଲା ସମ୍ପାଦକ ଆର୍.ଏଲ୍. ପାଢୀଙ୍କ ନେତୃତ୍ୱରେ ଏସ୍.ପି. ପାଢୀ, ଏଚ୍.ଏମ୍. ଫେଇଜୁଲା, ପ୍ରତାପ ଚୌଧୁରୀ, ହରିହର ସାହୁ ଏବଂ କେ.ସି.ମିଶ୍ରଙ୍କ ସମେତ ବହୁ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ।



ଏଫ୍‌ସିଆଇ କର୍ମଚାରୀମାନେ ଅନଶନ ଧର୍ମଘଟ କରୁଛନ୍ତି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ରେ କର୍ମଶାଳା

**ବ୍ରହ୍ମପୁର ଅଫିସ,୨୭।୧୧**

ଅଗ୍ରଣୀ କୋଚିଂ ପ୍ରତିଷ୍ଠାନ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବୃତ୍ତିଚୟନ ସମ୍ପର୍କିତ ପରାମର୍ଶ ଉପରେ ଏକ କର୍ମଶାଳା ବ୍ରହ୍ମପୁରସ୍ଥିତ ଟାଉନ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଏଜିଏମ୍ କମଳ କୁମାର ପାତ୍ର, ବ୍ରାଞ୍ଚ ମ୍ୟାନେଜର୍ ଚନ୍ଦ୍ର ପ୍ରିୟ ସୁବୁଦ୍ଧି ଏବଂ ବ୍ରହ୍ମପୁର ଆକାଶ କର୍ମଚାରୀ ଭାଗୀରଥି ସାହୁ ଏବଂ ରୁମାଣୀ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବୃତ୍ତିଚୟନ ସମ୍ବନ୍ଧୀୟ ଦିଗ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଉପରେ ନିଜର ଦକ୍ଷତା ଓ ରୁଚି ହିସାବରେ ଜଣେ କିପରି ନିଜର ବୃତ୍ତି ଚୟନ କରିପାରିବ, ସେଥିପାଇଁ ଏହି କର୍ମଶାଳରେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ଇଂଲିଶ୍ ବିଭାଗର ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୨୭।୧୧**

ଶଶି ଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ତରଫରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟ ଥିଲା 'ଇଂଲିଶ୍ ସାହିତ୍ୟ, ସମାଲୋଚନା ଏବଂ ଶିକ୍ଷା ବିଜ୍ଞାନ'। ଅଧ୍ୟକ୍ଷା ଡ. ସଂଗୀତା ବାବୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂଲିଶ୍ ବିଭାଗ ମୁଖ୍ୟ ପ୍ରଫେସର ଡ. ରାମନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଆଲୋଚ୍ୟ ବିଷୟ ଉପରେ ନିଜର ମତ ରଖିବା ସହ ଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଅନ୍ତରାୟ'କୁ ଉନ୍ମୋଚନ କରାଯାଇଥିଲା। ଶେଷରେ ସେମିନାର ସମ୍ପାଦିକା ଅସୀମା ମହାରଣା ଧନ୍ୟବାଦ ଦେଇଥିଲେ।

OFFICE OF THE PRINCIPAL
**S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI**
L. No.: 2528/2018 Dt.: 26.11.2018

**QUOTATION CALL NOTICE**

Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.

Sd./- Principal

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

**ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ**

୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର

ଉଦ୍‌ଘାଟକ — ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ
ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ'
ସମ୍ମାନନୀୟ ଅତିଥି — ଡକ୍ଟର ବିଜୟାନନ୍ଦ ସିଂହ
କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମୁଖ୍ୟବକ୍ତା — ଅଧ୍ୟାପକ ବିଶ୍ୱରଞ୍ଜନ
ବିଶିଷ୍ଟ ସାହିତ୍ୟିକ
ସଭାମୁଖ୍ୟ — ଶ୍ରୀ ହରିହର ମିଶ୍ର
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ
ସଚିବ

## ଆଙ୍କୁଲି ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ ଆସନ୍ତା ୧୭ରୁ

**ବ୍ରହ୍ମପୁର ଅଫିସ,୨୭।୧୧**

ଶିକ୍ଷାଞ୍ଚଳ ଆଙ୍କୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଦିନିଆ ଶତବାର୍ଷିକୀ ଉତ୍ସବ ଡିସେମ୍ବର ୧୭ରୁ ଆରମ୍ଭ ହେବ। ଏହି ଅବସରରେ ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଉତ୍ସବ କମିଟି ବୈଠକ ସଭାପତି ଭାଗୀରଥି ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ପୁରାତନ ବିଦ୍ୟାର୍ଥୀଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶିକ୍ଷାବିତ କେ. କୃଷ୍ଣମୂର୍ତ୍ତି, କମିଟି ସାଧାରଣ ସମ୍ପାଦକ ପ୍ରସନ୍ନ ପ୍ରଧାନ, ସଂଯୋଜକ ଏଲ. ସୁଦାମ ଦାସ, ଉପସଭାପତି ପ୍ରକାଶ ଚନ୍ଦ୍ର ଘଟୁଆଳ, ଉପଦେଷ୍ଟା ଏମ. ବନମାଳୀ ପାତ୍ର, ସୂର୍ଯ୍ୟ ନାରାୟଣ ନାୟକ, କେ. ଶ୍ରୀଧର ଦାସ ଯୋଗ ଦେଇଥିଲେ। ଉତ୍ସବର ସଫଳତା ନେଇ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ର ପ୍ରମୋଦ ପ୍ରଧାନ, ଏ. ରାଜାରାଓ, ଅରବିନ୍ଦ ମଣ୍ଡଳ, ଶତ୍ରୁଘ୍ନ ପାତ୍ର, ଇଂ. ଅରକ୍ଷିତ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପତି, ନିରୁପମା ରଥ ଓ ବସନ୍ତ ବ୍ରହ୍ମା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନା କରିଥିଲେ।



ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଉଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୭।୧୧**

ଶଶି ଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଦୀର୍ଘ ୧୨ ଦିନ ହେଲା ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସଂଗୀତା ବାବୁ ଉଦ୍‌ଯାପନୀ ସଭାରେ ଅଧକ୍ଷତା କରିଥିଲେ। ସାମ୍ପ୍ରତିକ ସମାଜରେ ଏହି ଆତ୍ମସୁରକ୍ଷା ତାଲିମ୍‌ର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଶିବିରରେ ସଂଯୋଜିକା ଡ. ମନୀଷା ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଷ୍ଟର୍ ଟ୍ରେନର୍ ସୌମ୍ୟାଶ୍ରୀ ବେହେରା ଓ ଯଶୋଦା ବେହେରାଙ୍କ ଦ୍ୱାରା ୧୨୦ ଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ପ୍ରାଧାପକ ଡ. ଚିତ୍ତରଞ୍ଜନ ଶତପଥୀ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ତାଲିମପ୍ରାପ୍ତ ଛାତ୍ରୀ ମଞ୍ଚାସୀନ ଅତିଥିଙ୍କଠାରୁ ପ୍ରମାଣପତ୍ର ସଂଗ୍ରହ କରିଥିଲେ। ଅଧ୍ୟାପିକା ଡ. ଭବାନୀ ମହାରଣା, ଡ. ପ୍ରିୟଦର୍ଶିନୀ ପଣ୍ଡା, ସ୍ମୃତି ଗନ୍ତାୟତ, ପ୍ରମିଳା ବେଜ୍, ଯମୁନା ମାଝି, ଡ. ଦେବରାଜ ସ୍ୱାଇଁ, ନାରାୟଣ ବେହେରା ଓ ଡ. ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ବିଜୁ କନ୍ୟାରତ୍ନ କର୍ମଶାଳା

**ବ୍ରହ୍ମପୁର ଅଫିସ,୨୭।୧୧**

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ କନିଷ୍ଠିସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାପାତ୍ରଙ୍କ ଅଧକ୍ଷତାରେ ବିଜୁ କନ୍ୟା ରତ୍ନ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁମାନଙ୍କ ଅଧିକାର, ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନ୍ ବିଷୟରେ ଆଇନ୍ ଅଧିକାରୀ ସୁଦାମ ପାଣିଗ୍ରାହୀ ସୂଚନା ଦେଇଥିଲେ। ବିଜୁ କନ୍ୟା ରତ୍ନ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। କନ୍ୟା ଶିଶୁ ବଞ୍ଚି ରହିବା ଏବଂ ସେମାନଙ୍କ ବିକାଶ ନିମନ୍ତେ ପରିବେଶ ସୃଷ୍ଟି କରିବା ଓ ସେମାନଙ୍କ ସମ୍ମାନ ବଜାୟ ରଖିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଜିଲା ସାଧନ ବ୍ୟକ୍ତି ସୁକଣ୍ଠ ପଣ୍ଡା ପ୍ରକାଶ କରିଥିଲେ। କନ୍ୟା ଶିଶୁ ସ୍କୁଲକୁ ଯିବା, ସ୍କୁଲରେ ଉପସ୍ଥାନ ହାର ବଢ଼ାଇବା ନିମନ୍ତେ ନିଶ୍ଚିତ କରିବା, କନ୍ୟା ଶିଶୁର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତା ଏବଂ ବଞ୍ଚିରହିବା ସୁନିଶ୍ଚିତ କରିବା ସହ ଲିଙ୍ଗଗତ ତାରତମ୍ୟ ଦୂର କରିବା ଓ ବାଲ୍ୟ ବିବାହ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରୀ ଭାଗ ନେଇଥିଲେ।




କର୍ମଶାଳାରେ ମଞ୍ଚାସୀନ ବକ୍ତାମାନେ।






# କଂଗ୍ରେସ ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଘେରାଉ

ଭଞ୍ଜନଗର,୨୭।୧୧(ଡି.ଏନ.ଏ.)

ତିତ୍‌ଲି କ୍ଷତିଗ୍ରସ୍ତଙ୍କ ନିକଟରେ ଏ ଯାଏ ସରକାରୀ ସହାୟତା ପହଞ୍ଚି ପାରିନାହିଁ। ଏହା ପ୍ରତିବାଦରେ ମଙ୍ଗଳବାର ଭଞ୍ଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ୧୨ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉପ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସଭାରେ ଏଆଇସିସି ସାଧାରଣ ସମ୍ପାଦକ ଅନିଲ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ।


କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

ପିସିସି ଉପ ସଭାପତି ଶୁଭେନ୍ଦୁ ମହାନ୍ତି, ଜିଲା କଂଗ୍ରେସ କମିଟି ସଭାପତି ଡ. ତ୍ରିନାଥ ବେହେରା, ପିସିସି କାର୍ଯ୍ୟକାରିଣୀ କମିଟି ସଭ୍ୟ ନୃସିଂହ କୁମାର ରଥ, ପିସିସି ସମ୍ପାଦକ ମନୋଜ ଜେନା, ଜିଲା କାର୍ଯ୍ୟକାରୀ କମିଟି ସଭାପତି ସନ୍ତୋଷ ନାୟକ, ପୀତବାସ ପଣ୍ଡା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ପିସିସି ସଭ୍ୟ ଦେବୀ ବିଷୋୟୀ, ସଞ୍ଜୟ ତ୍ରିପାଠୀ, ଅନିଲ ପରିଡା, ଅଯୋଧ୍ୟାନାଥ ମହାପାତ୍ର, ପ୍ରମୋଦ ପ୍ରଧାନ, ପ୍ରଫୁଲ ପାତ୍ର, ଅମରେଶ ମହାପାତ୍ର, ମଣି ଦିକ୍ଷୀତ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କଂଗ୍ରେସ କର୍ମୀମାନେ ସହରରେ ଶୋଭାଯାତ୍ରା କରିଥିଲେ। ତିତଲ୍ କ୍ଷତିଗ୍ରସ୍ତ ଜିଲାରେ ଧାନ ସଂଗ୍ରହ ବେଳେ ଏଫ୍‌ଏକ୍ୟୁ ମାନରେ କୋହଳ, କୁଇଣ୍ଟାଲ ପିଛା ୩ଶହ ଟଙ୍କା ବୋନସ, ଚାଷୀଙ୍କ ଋଣ ଛାଡ ଆଦି ଦାବି ରହିଛି। କଂଗ୍ରେସର ଅଭିଯୋଗକୁ ଜିଲା ବିଜେଡି ଉପ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଖଣ୍ଡନ କରିବା ସହ ନିର୍ବାଚନ ପାଖେଇବା ଯୋଗୁ କଂଗ୍ରେସ ନେତାମାନେ ଏହିଭଳି ଅଭିଯୋଗ ଆଣୁଛନ୍ତି ବୋଲି କହିଥିଲେ।

# ଧରିତ୍ରୀ ପ୍ରଭାବ: ବସ୍‌ଷ୍ଟାଣ୍ଡରୁ ଅଳିଆ ହଟିଲା

**ଆର.ଉଦୟଗିରି,୨୭।୧୧(ଡି.ଏନ.ଏ.):** ଆର.ଉଦୟଗିରି ଗ୍ରାମର ଅଳିଆକୁ ସଫା କରି ଆଣି ବସ୍‌ଷ୍ଟାଣ୍ଡରେ ଗଦା କରାଯାଉଥିଲା। ଦୀର୍ଘ ୨ ମାସ ଧରି ବସ୍‌ଷ୍ଟାଣ୍ଡରୁ ଅଳିଆକୁ ସଫା କରାନଯିବାରୁ ଏନେଇ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପରେ ମଙ୍ଗଳବାର ପଞ୍ଚାୟତ ପକ୍ଷରୁ ଅଳିଆକୁ ଟ୍ରାକ୍ଟରରେ ନେଇ ଗ୍ରାମର ଶେଷ ଭାଗରେ ଥିବା ଖୋଲା ପଡ଼ିଆରେ ପକାଯାଇଛି । ଅଳିଆକୁ ସଫା କରିବା ପାଇଁ ବସଷ୍ଟାଣ୍ଡରେ ଥିବା ବ୍ୟବସାୟୀମାନେ ବହୁବାର ପଞ୍ଚାୟତକୁ ଅନୁରୋଧ କରିଥିଲେ। କିନ୍ତୁ ସୋମବାର ଖବର ପ୍ରକାଶ ପରେ ପଞ୍ଚାୟତ ପ୍ରଶାସନ ସଫା କରିଦେଇଛି ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## GOVERNMENT OF ODISHA
360-C

**OFFICE OF THE SUPERINTENDING ENGINEER, PUBLIC HEALTH CIRCLE, SAMBALPUR, ODISHA**

E-mail id:- sephsbp@yahoo.in

**NATIONAL COMPETITIVE BIDDING THROUGH e-Procurement**

Bid Identification No. SEPHSBP- 02 /2018-19 Dt. 16.11.2018

| | | |
|---|---|---|
| 01. | Name of the Work | : "Improvement of Existing water supply and provision for universal piped water supply to uncovered areas of Deogarh Town under State Plan 2018-19". |
| 02. | Type of Bid | : Two Bid system |
| 03. | Estimated Cost | : Rs. 214.63 Lakhs |
| 04. | Period of Completion | : 4 (Four Calendar Months) |
| 05. | Class of Contractor | : Class 'B' / Class 'A' |
| 06. | Date & Time of availability of bid document in the portal | : From 11.00 Hrs. of dt. 28.11.2018 to 17.00 Hrs of 14.12.2018 |
| 07. | Last date / time of seeking clarification | : 17.00 Hrs of 05.12.2018 |
| 08. | Last date / time of receipt of bids in the portal | : 17.00 Hrs of 14.12.2018 |
| 09. | Date & Time of opening of Technical bids | : At 11.00 Hrs. of 17.12.2018 |
| 10. | Name and Address of the Officer Inviting Bid | : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"

*Sd./- Superintending Engineer,*
*P.H. Circle, Sambalpur*

13018/11/0003/1819

## Office of the Executive Engineer, Harabhangi Irrigation Division, Adava, Dist: Gajapati

eeharabhangi@gmail.com, Phone: 06816-259628

**e – Procurement Notice No. 07/ 2018-19**

**No. 856-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1. | Type of the work | : Flood protection works. |
| 2. | No. of works | : 1 No. |
| 3. | Class of contractor | : 'D', & 'C' class |
| 4. | Bid identification No. | : EE-HID- No. 26 / 2018-19 |
| 5. | Estimated cost | : Rs. 13.26 Lakhs |
| 6. | Period of completion | : 3 (Three) calendar months |
| 7. | Date & time of availability of bid documents in the portal | : From 30.11.2018, 10.00 AM to 10.12.2018, 5.00 PM |
| 8. | Last date / time for receipt of bids in the portal | : From 30.11.2018, 10.00 AM to 10.12.2018, 5.00 PM |
| 9. | Date of opening of Bid | : 11.12.2018 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava, Gajapati |
| 10. | Name of the officer inviting Bid | : Executive Engineer, Harabhangi Irrigation Division, Adava, Gajapati |

1) Any addendum / corrigendum / cancellation of tender can also be seen in the said Website.
2) Further details can be seen from Government Website – http:// tenderodisha.gov.in.

*Executive Engineer*
32021/11/0014/1819 *Harabhangi Irrigation Division, Adava (Gajapati)*

# ପୂର୍ବତନ ବିଧାୟକ ସ୍ତ୍ରୀଙ୍କ ପରଲୋକ

ଭଞ୍ଜନଗର,୨୭।୧୧ (ଡି.ଏନ.ଏ.)

ଭଞ୍ଜନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ରାମକୃଷ୍ଣ ଗୌଡ଼ଙ୍କ ସ୍ତ୍ରୀ ଅନସୂୟା(୮୪)ଙ୍କର ମଙ୍ଗଳବାର ଭୋରରେ ଭଞ୍ଜନଗର ବାଗ୍‌ଦେବୀ ରୋଡ଼ସ୍ଥିତ ବାସଭବନରେ ପରଲୋକ ଘଟିଛି। ଏହାପରେ ନିଜ ଗ୍ରାମ ଢୋଲପିଟାକୁ ନେଇ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ନେତାଙ୍କ ସମେତ ବାର ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ନାୟକ, ପୂର୍ବତନ ଏସଡିଏମ୍‌ଓ ଡ.ପ୍ରଫୁଲ ଗୌଡ଼ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଛନ୍ତି।

## ODISHA HYDRO POWER CORPORATION LIMITED

OHPC

**BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA), PIN: 764051**

Phones: 06861-232581(O)/ 232659(O), Fax: 06861-232541, email: unit.head_balimela@yahoo.com, CIN: U40101OR1995SGC003963

**TENDER CALL NOTICE NO.: BHEP-23/2018-19; DATED: 22.11.2018**

**No. CAD-1063:-** Sealed tenders are invited in two part i.e. (i) Techno Commercial bid & (ii) Price bid from the registered Firms having valid Registration Certificate issued by Govt. Authority & fulfilling the eligibility criteria as per the tender specification for the work as mentioned below:

| Sl. No. | Description of Services | Cost of tender paper in Rs. | EMD in shape of DD only (Refundable) | Period of availability of tender at OHPC website | Last date & time of receipt of tender | Date & time of opening of techno commercial bid |
|---|---|---|---|---|---|---|
| 1 | Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis. | Rs. 7080/- (Rs. 6000/- +GST @ 18%) (Non refundable) | Rs. 24000/- | 28.11.2018 to 13.00 Hrs of 12.12.2018 | 16.00 Hrs of 12.12.2018 | 16.30 Hrs of 12.12.2018 |

The due date of opening of price bid will be intimated later on to the technically qualified bidders.
For details of the tender documents, terms & conditions please visit our website www.ohpcltd.com

04019/11/0076/1819 *Sd./- SR. GENERAL MANAGER (EL), BHEP, BALIMELA*

## ODISHA HYDRO POWER CORPORATION LTD. (A Government of Odisha Undertaking)

OHPC

**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST.- KORAPUT (ODISHA)- 764006**

Telephone: 06854-242001, Fax: 06854-242038, Email ID: sgmel_ukhep@ohpcltd.com, CIN: U40101OR1995SGC003963

**OPEN TENDER CALL NOTICE NO. UKHEP-24/20, dtd.20.11.2018**

**No. CAD-1064:-** Sealed tenders in duplicate are invited from Govt. registered Contractors / Agencies for the job mentioned below by Unskilled Workmen on Job Contract basis for a Calendar year (12 months).

| Sl. No. | Scope of Works | Cost of tender specification (Non-Refundable) | Period of sale of tender specification | Last date & time for submission of tender | Due date & time for opening of tender | EMD in Rs. |
|---|---|---|---|---|---|---|
| 1 | Cleaning up keeping and removal of Garbages of Upper Kolab power House and its peripheral area, Switchyard Control Room, All Stores, Workshop, Valve House, Penstrock area, Non residential buildings of UKHEP, Bariniput on Job Contract Basis for the period 2018-19. | 7080/- (6000/- + GST@ 18%) | 01.12.2018 to 13.00 Hrs 15.12.2018 | 15.12.2018 upto 4 PM | 15.12.2018 at 4.30 PM | 33,200/- |

For further details, terms & conditions download the tender documents, please visit our website www.ohpcltd.com

04002/11/0068/1819 *Sd./- Unit Head, Upper Kolab HEP, OHPC Limited, Bariniput*

## OFFICE OF THE EXECUTIVE ENGINEER BHANJANAGAR (R&B) DIVISION, BHANJANAGAR

No.898-B

**FILE NO.216 NO.8153 // DTD.17.11.2018**

**Email ID : eernbbngr@yahoo.in, Tel : 06821241133**

**GOVERNMENT OF ODISHA**

**NOTICE INVITING QUOTATION CALL NOTICE**

**BUDGETARY QUOTATION CALL NOTICE**

**No. E.E.-BNJ-R&B-04/2018-19** **dt.17.11.2018**

In pursuance of decision to revise the Schedule of Rates - 2014, Sealed budgetary Quotation are invited from the Transporter/ Labour Supplier and other Stakeholders in their letter head as applicable dealing with for respective items having registration/ Labour license with valid GSTIN of conveyance of materials (available in the office of the Executive Engineer, Bhanjanagar (R&B) Division as well as in the website of Works Department) for inclusion in the revised Scheduled of Rates in Government of Odisha, to be used in different Civil construction / infrastructure works and repair works.The interested party i.e. the bidder shall quote his price in the format available: in the official website Government in Works Department.

The different item of conveyance for materials and the unit for which rate to be quoted will be available in the Official website of Works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will be received from 10.00 AM of dt.28.11.2018 to 5.00 PM of dt.20.12.2018 in the quotation box available in the office of the Executive Engineer, Bhanjangar (R&B) Division, Bhanjanagar and will be opened on Dt.21.12.2018 at 12.30 P.M., in presence of the quotationers or their authorized representatives who desire to be present. This quotation is invited to ascertain and assess the Rate different item of conveyance for Material's at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter/Labour Supplier and other Stakeholders mentioning registration/Labour license with valid GSTIN failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

**Sd./- Executive Engineer**
34015/11/0014/1819 **Bhanjanagar (R&B) Division, Bhanjanagar**

## OFFICE OF THE EXECUTIVE ENGINEER PURI (R&B)DIVISION, PURI

No.902-B

**No.15202, Date : 17.11.2018**

**E-mail ID:- eerbpuri@yahoo.co.in, Tel :- 06752 - 223433**

**GOVERNMENT OF ODISHA**

**NOTICE INVITING QUOTATION CALL NOTICE**

**BUDGETARY QUOTATION CALL NOTICE No. 25 dt.17.11.2018**

In pursuance of decision to revise the Schedule of Rates – 2014, Sealed budgetary Quotation are invited from the Quarry owners/ Crusher owners/ Manufacturers / Suppliers / Dealers and other Stakeholders in their letter head as applicable and authorized for respective items having valid GSTIN of materials(available in the office of the Executive Engineer, Puri (R&B) Division, Puri as well as in the website of Works Department) confirming to relevant IS specifications for inclusion in the revised Scheduled of Rates in Government of Odisha to be used in different Civil construction / infrastructure works and repair works.The interested party i.e. the bidder shall quote his price in the following format.

**BASIC RATE OF MATERIALS FOR 2018**
**(FOR PURI UN-DIVIDED DISTRICT)**

| Sl. No. | Name of Items | Unit | Price excluding Royalty and GST in Rs. | |
|---|---|---|---|---|
| 1 | 2 | 3 | 4 | |
| | | | Rate in Figures | Rate in Words |
| | | | | |
| | | | | |

The name of items of material and the unit for which rate to be quoted will be available in the Official website of Works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will be received from 10.00 AM of dt.28.11.2018 to 5.00 PM of dt.20.12.2018 in the quotation box available in the office of the Executive Engineer, Puri (R&B) Division, Puri and will be opened on Dt.21.12.2018 at 12.30 P.M. in presence of the quotationers or their authorized representatives who desire to be present. This quotation is invited to ascertain and assess the Rate of Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of the firm mentioning GSTIN No failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

34064/11/0014/1819 **Executive Engineer, Puri (R&B) Division, Puri**


ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166


Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।

କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ବାର୍ହା ଶିକାର ଘଟଣା
## ୩ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

ଶଙ୍କରାଖୋଲ,୨୭।୧୧(ଡି.ଏନ୍.ଏ.)- ଟିକାବାଲି ଥାନା ଟୁଡୁବାଲି ଗ୍ରାମ କେଲେମାହା ଜଙ୍ଗଲରେ ବାର୍ହା ଶିକାର କରିବାକୁଯାଇ ଜଣେ ଶିକାରୀଙ୍କ ଗୁଳିରେ ଅନ୍ୟ ସହଯୋଗୀ ଶିକାରୀ ଆହତ ହୋଇଥିବା ନେଇ ଟିକାବାଲି ପୋଲିସ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେବକ ପ୍ରଧାନ, ଟାର୍ଜନ ପ୍ରଧାନ, ତୋଫାନ ପ୍ରଧାନ । ସେବକଙ୍କଠାରୁ ଚୋରା ଦେଶୀ ବନ୍ଧୁକ ଜବତ ହେବା ସହ ଟିକାବାଲି ଥାନାରେ ନଂ.୭୮/୧୮ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ସେପ୍ଟମ୍ବର ୯ ତାରିଖରେ କେଲେମାହା ଜଙ୍ଗଲକୁ ଅଭିଯୁକ୍ତଙ୍କ ସହ ଶକ୍ତିକାନ୍ତ ପ୍ରଧାନ ମିଶି ବାର୍ହା ଶିକାର କରିବାକୁ ଯାଇଥିଲେ। ଶିକାର ବେଳେ ଅସାବଧାନତା ଯୋଗୁ ଶକ୍ତିକାନ୍ତଙ୍କୁ ଗୁଳି ବାଜିଥିଲା। ପୋଲିସ ପହଞ୍ଚିଲା ବେଳେ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ଏ ନେଇ ଟିକାବାଲି ଥାନାରେ ଏସ୍ଆଇ ଗୋପାଳ ଚନ୍ଦ୍ର ଆଗୁପାତ୍ର ଶିକାରୀଙ୍କ ବିରୋଧରେ ୧୪ ତାରିଖରେ ଅଭିଯୋଗ କରିଥିଲେ। ପରେ ଟିକାବାଲି ପୋଲିସ ତଦନ୍ତ ଚଳାଇ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବଧୂ ନିର୍ଯାତନା ମାମଲା, ୩ ଦୋଷୀ ସାବ୍ୟସ୍ତ

ଛତ୍ରପୁର,୨୭।୧୧(ଡି.ଏନ.ଏ)- ବଧୂ ନିର୍ଯାତନା ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଛତ୍ରପୁର ଏସଡିଜେଏମ୍ ଜୟ ପ୍ରକାଶ ନାୟକ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ତଥା ଚମାଖଣ୍ଡି ଗାଁର ଦୁର୍ଯୋଧନ ରେଡ୍ଡୀ, ଶାଶୁ ସାବିତ୍ରୀ ଓ ମାଉସି ଶାଶୁ ଏନ୍. ଲକ୍ଷ୍ମୀ ୧ ବର୍ଷ ଜେଲ ଦଣ୍ଡ ଭୋଗିବା ସହ ୫ ହଜାର ଟଙ୍କା ଜରିମାନା ଦେବେ ବୋଲି ରାୟ ପ୍ରକାଶ ପାଇଛି। ଜରିମାନା ଅନାଦେୟ ୩ ମାସ ଅତିରିକ୍ତ ଜେଲ ଦଣ୍ଡ ଭୋଗିବାକୁ ପଡିବ । ଏସଡିଜେଏମ୍ ଅନ୍ୟ ଜଣେ ଅଭିଯୁକ୍ତ ବିଶ୍ୱନାଥ ରେଡ୍ଡୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ନିର୍ଯାତନା ଦିଆଯାଉଥିବା ନେଇ ବଧୂ ଜଣଙ୍କ ୨୦୧୫ ଅକ୍ଟୋବର ୭ ତାରିଖରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ନଂ.୧୧୪/୨୦୧୫ ରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଏପିପି ସୌରୀ ପ୍ରସାଦ ବେହେରା, ଏପିପି କୃଷ୍ଣ ଚନ୍ଦ୍ର ବେହେରା ଓ ଅଭିଯୁକ୍ତଙ୍କ ପକ୍ଷରୁ କୃଷ୍ଣ ଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ ।

### ■ଗଞ୍ଜାମ ପ୍ରତି ବୈମାତୃକ ମନୋଭାବ
# ୬ ଲେନ୍ ହେବନି ଏନଏଚ୍-୧୬

**■ପୁଣି ଫ୍ଲାଏ ଓଭର ପ୍ରସ୍ତାବ ଦେଲେ ଜିଲାପାଳ**
**■୪୧ କି.ମି. ସର୍ଭିସ ରୋଡ ନିର୍ମାଣ ହେବ**

ଛତ୍ରପୁର,୨୭।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଦେଇ ଯାଇଥିବା ଏନଏଚ୍-୧୬ ଛଅ ଲେନ୍ ବିଶିଷ୍ଟ ହେବନି। ବର୍ତ୍ତମାନ ଏନଏଚ୍-୧୬ ଚାରି ଲେନ୍ ବିଶିଷ୍ଟ ରହିଛି। ପୂର୍ବରୁ ଏହାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଏନଏଚଏଆଇ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଦେଇ ଯାଇଥିବା ଏନଏଚ୍-୧୬ର ସର୍ଭେ କରାଯାଇଥିଲା। ଏଥିପାଇଁ ଭୁବନେଶ୍ୱରସ୍ଥିତ ଏନ୍ଏଚଏଆଇ ପିଡିଙ୍କ ପକ୍ଷରୁ ଏକ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାକୁ କେନ୍ଦ୍ର ସରକାରଙ୍କୁ ପଠାଯାଇଥିଲା। ଏପରିକି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହାର ସର୍ଭେ ହୋଇ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏ ସମ୍ପର୍କରେ ପୂର୍ବରୁ ଭୁବନେଶ୍ୱର ସ୍ଥିତ ଏନଏଚଏଆଇ ପିଡିଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି କରାଯିବା ସହ ଛତ୍ରପୁରରେ ଅନୁଷ୍ଠିତ ଗଞ୍ଜାମ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ସୂଚନା ଦିଆଯାଇଥିଲା। ରମ୍ଭା, ହଳଦିଆପଦର, ଜଗନ୍ନାଥପୁର ଜଙ୍କସନ, ଛତ୍ରପୁର କଲେଜ-ଡିଆରଡିଏ ଛକ, ପୁଇଁତଳା ଛକ, ପାଲୁର ଜଙ୍କସନ ଠାରେ ଫ୍ଲାଏ ଓଭର ନିର୍ମାଣ ସହ ବିଭିନ୍ନ ସ୍ଥାନରେ ସର୍ଭିସ ରୋଡ ନିର୍ମାଣ କରିବା ପାଇଁ ଡିପିଆରରେ ସଂଯୋଗ କରିବାକୁ ତତ୍କାଳୀନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ପକ୍ଷରୁ ଚିଠି ଦ୍ୱାରା ଏନଏଚଏଆଇ ପିଡିଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନ ମାନଙ୍କରେ ଫ୍ଲାଏ ଓଭର ଏବଂ ସର୍ଭିସ ରୋଡ୍ ନିର୍ମାଣ କରିବାର ଆବଶ୍ୟକତା ରହିଥିବା କୁହାଯାଇଥିଲା।

ମାତ୍ର ଗଞ୍ଜାମ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୬ ଲେନ୍ ବିଶିଷ୍ଟ ନ କରିବା ପାଇଁ ଏନଏଚଏଆଇ ନିଷ୍ପତ୍ତି ନେଇଛି। ୫୬ କି.ମି. ମଧ୍ୟରୁ ୪୧ କି.ମି. ରାଜପଥରେ କେବଳ ସର୍ଭିସରୋଡ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହା ଜଣାପଡିବା ପରେ ହୁମ୍ମା ଶୁଖୁଆ ହାଟ ସମ୍ମୁଖ, ରମ୍ଭା ଛକ ଓ ଡିଆରଡିଏ ଛକରେ ଫ୍ଲାଏ ଓଭର ନିର୍ମାଣ କରିବାକୁ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ଏହା ନିର୍ମାଣ ଆଶା କ୍ଷୀଣ ବୋଲି ଜଣାପଡିଛି। ଆନ୍ଧ୍ର ପ୍ରଦେଶରେ ୬ ଲେନ୍ ବିଶିଷ୍ଟ ଏନଏଚ୍ ନିର୍ମାଣ କରାଯାଉଥିବା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପ୍ରସ୍ତାବରେ ଥାଇ ଶେଷରେ ବାତିଲକୁ ନେଇ ଜିଲା ପ୍ରତି ବୈମାତୃକ ମନୋଭାବ କରାଯାଇଥିବା ସ୍ପଷ୍ଟ ହୋଇଛି। ଏପରିକି ଗଞ୍ଜାମ ଜିଲାର ପୁଇଁତୋଳାଠାରୁ ଜିଲା ସୀମାନ୍ତ ପର୍ଯ୍ୟନ୍ତ ଜାତୀୟ ରାଜପଥ ବିଶାଖାପାଟଣାର ଏନ୍ଏଚ୍ଏଆଇ ପିଡିଙ୍କ ଅଧୀନକୁ ଚାଲିଯାଇଛି। ଜିଲାର ପୁଇଁତୋଳା ଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଭୁବନେଶ୍ୱରସ୍ଥିତ ଏନଏଚଏଆଇ ପିଡିଙ୍କ ଅଧିନରେ ରହିଛି।

## ବିଜୁ କନ୍ୟାରତ୍ନ ଯୋଜନା ସଚେତନତା

ଗୋପାଳପୁର,୨୭।୧୧

ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ଗ୍ରାମରେ ବିଜୁ କନ୍ୟାରତ୍ନ ଯୋଜନା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ମଞ୍ଜୁଶ୍ରୀ ଦଳାଇ ଅତିଥି ଭାବେ ମଞ୍ଚାସୀନ ଥିଲେ। ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢ଼ୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କନ୍ୟାଭ୍ରୂଣ ହତ୍ୟା ରୋକିବା ଓ କନ୍ୟାର ଯତ୍ନ ନେବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।


ଜଣେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି ବିଧାୟକ ।

ନବରତ୍ନ ମଧ୍ୟରେ ଶ୍ରେଷ୍ଠ ରତ୍ନ ହେଉଛି କନ୍ୟାରତ୍ନ ବୋଲି ବିଧାୟକ ପାଣିଗ୍ରାହୀ କହିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ମହିଳାଙ୍କୁ ପୁରସ୍କୃତ କରାଯିବା ସହ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା । ସୁପରଭାଇଜର ଗୀତାରାଣୀ ରାଉଳ, ଡ଼ାକ୍ତର ସୋଲାଲିନ ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ, କେ. ଅନିତା, ପ୍ରମୋଦ ଦାଶ, ଶାନ୍ତିଲତା ଶତପଥୀ, ରଶ୍ମିତା ପଟ୍ଟନାୟକ, ଉମେଶ ପଣ୍ଡା, ଭାଗ୍ୟଲତା ପାତ୍ର, ତ୍ରିପତି ବାଲାଜୀ ସାମନ୍ତରାୟ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଆଶାକର୍ମୀ ଓ ବହୁ ମହିଳା, ଶିଶୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାଜ୍ୟ ଭାଜପା ଟିମ୍

ପାତ୍ରପୁର,୨୭।୧୧(ଡି.ଏନ୍.ଏ.):

ତିତ୍ଲି ବାତ୍ୟାରେ କ୍ଷତିଗ୍ରସ୍ତ ପାତ୍ରପୁର ବ୍ଲକର ତୁମ୍ବା ଓ ବୁରାତାଲ ପଞ୍ଚାୟତକୁ ରାଜ୍ୟ ଭାଜପାର ଏକ ଟିମ ମଙ୍ଗଳବାର ଆସିଥିଲେ। କେନ୍ଦ୍ର ଯୁବମୋର୍ଚ୍ଚା ଉପସଭାପତି ଠାକୁର ରଞ୍ଜୀତ ଦାସ, ରାଜ୍ୟ ପ୍ରବକ୍ତା ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ବରଗଡ଼ ବିଧାୟକ ପ୍ରଦୀପ ପୁରୋହିତ, କୁଚିଣ୍ଡା ବିଧାୟକ ରବି ନାୟକ, ରାଜ୍ୟ ମିଡିଆ ସେଲ୍ର ରିତେଶ ମହାପାତ୍ରଙ୍କ ସମେତ ଗଜପତି ଜିଲା ପ୍ରଭାରୀ ସରୋଜ ସାବତ, ଯୁବନେତା ମନୋରଞ୍ଜନ ଦ୍ୟାନ ସମାନ୍ତରା, ଶଙ୍କର ପ୍ରସାଦ ପ୍ରଧାନ ପ୍ରମୁଖ ପ୍ରଥମେ କୁମ୍ଭାରତିଅ ଗ୍ରାମକୁ ଆସି କ୍ଷତିଗ୍ରସ୍ତ ପରିବାରକୁ ଭେଟି ରିଲିଫ ଓ ଥଇଥାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପୁରିଆସାହି, ବୁରାତାଲ ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରିଛନ୍ତି।

## ଗଞ୍ଜାମ କଲେଜରେ ଏନସିସି ଦିବସ

ଗଞ୍ଜାମ,୨୭।୧୧(ଡି.ଏନ.ଏ.)

ଗଞ୍ଜାମ କଲେଜ ପରିସରରେ ମଙ୍ଗଳବାର ଏନସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ରାଲି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ଼. ରଙ୍ଗନାଥ କାନୁନଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ୪୨ ନାଭାଲ କ୍ୟାଡେଟଙ୍କ ଦ୍ୱାରା ପ୍ୟାରେଡ ହୋଇଥିଲା। ଏନସିସି ଅଧିକାରୀ ଦୁର୍ଗା ପ୍ରସାଦ ଦାସ ଉପସ୍ଥିତ ରହି ପ୍ୟାରେଡର ନିୟମାବଳୀ ବୁଝାଇଥିଲେ। ସିନିୟର କ୍ୟାଡେଟ ପ୍ରଦୀପ ରେଡ୍ଡୀ, ମନୋରଞ୍ଜନ ମହାରଣା, ଲିଜା ପାତ୍ର ଓ କୁନି ପାତ୍ର ସଂଗୀତ ଗାନ କରିଥିଲେ। ବରିଷ୍ଠ ଅଧ୍ୟାପକ ପଞ୍ଚାନନ ପାଢ଼ୀ, ପୁରୁଷୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

ଜି.ଉଦୟଗିରି,୨୭।୧୧(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଠାରେ ଯୁକ୍ତ ୨ ଛାତ୍ରୀମାନଙ୍କ ୧୨ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଯେପରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସୁରକ୍ଷିତ ରହିବା ସହ ଅନ୍ୟ ମହିଳାମାନଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କରେ ସଚେତନ କରାଇବେ ସେ ସମ୍ପର୍କରେ କହିଥିଲେ। ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜକ ଅଧ୍ୟାପକ ସୁଧାଂଶୁ କୁମାର ମେହର ତାଲିମ ଓ କୌଶଳ ଶିକ୍ଷା ଲାଭ କରିଥିବା ଛାତ୍ରୀମାନେ ଅନ୍ୟ ଝିଅମାନଙ୍କୁ ମଧ୍ୟ ଏହି ଆତ୍ମସୁରକ୍ଷା କୌଶଳ ଶିଖାଇବା ପାଇଁ ପରାମର୍ଶ ଦେଇଥିଲେ। ଚମ୍ପଲତା ପ୍ରଧାନ, ଅରୁନ୍ଧତୀ ପ୍ରଧାନ ପ୍ରମୁଖ ତାଲିମଦାତାମାନେ ୧୨୯ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଦିଲିପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ମଜୁରି ଦାବିରେ ବିଡିଓଙ୍କୁ ଘେରାଉ

ଜଗନ୍ନାଥପ୍ରସାଦ,୨୭।୧୧

ଜଗନ୍ନାଥପ୍ରସାଦ ବ୍ଲକ ଗାୟାଗଣ୍ଡା ଗ୍ରାମପଞ୍ଚାୟତ ଅଧିନସ୍ଥ ବଡ଼ ହରିଜନ ସାହି ଗ୍ରାମବାସୀ ଏମ୍ଜିଏନ୍ଆର୍ଇଜିଏସ୍ କାର୍ଯ୍ୟର ପ୍ରାପ୍ୟ ମିଳୁନଥିବା ଅଭିଯୋଗରେ ମଙ୍ଗଳବାର ବିଡିଓ ଅଶୋକ କୁମାର ବେଉରିଆଙ୍କୁ ଘେରାଉ କରିଥିଲେ। ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଡିଓଙ୍କ କାର୍ଯ୍ୟାଳୟରେ ପଶି ଇନ୍ଦିରାଆବାସ ହିତାଧିକାରୀଙ୍କୁ ଶ୍ରମିକ ମଜୁରୀ କାହିଁକି ଦିଆଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଘର ସମ୍ପୂର୍ଣ୍ଣ ହେବାର ବର୍ଷେ ପରେ ମଧ୍ୟ ବିଲ ପୈଠ କରାଯାଇନାହିଁ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ମାଣ ସାରିଥିଲେ ମଧ୍ୟ ବୋନସ ଟଙ୍କା ଦିଆଯାଉନାହିଁ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରି ଅର୍ଥ କାହିଁକି ମିଳିନାହିଁ ବୋଲି ଅଭିଯୋଗ କରିଥିଲେ। ବିଡିଓ ଅଭିଯୋଗ ଶୁଣି ଗୟାଗଣ୍ଡା ପଞ୍ଚାୟତର ଆବାସ ଯୋଜନାର ଅର୍ଥ ପୈଠ କାଗଜପତ୍ର ମଗାଇ ଦେଖିବା ପରେ କିଛି ତ୍ରୁଟି ଥିବା ଜାଣି ପାରିଥିଲେ। ତେବେ ମଷ୍ଟର ରୋଲରେ ତ୍ରୁଟି ଥିବାରୁ ଅର୍ଥ ପୈଠରେ ଅବହେଳା ହୋଇଥିବା ଜଣାପଡ଼ିବା ପରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଜେଇଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କ୍ରୀଡ଼ା ପ୍ରତିଯୋଗିତା

ଦିଗପହଣ୍ଡି/ପାଟପୁର,୨୭।୧୧(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ଖଳିଙ୍ଗୀ ବାସୁଦେବପୁର ଗ୍ରାମ ମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍ଘାଟିତ ହୋଇଯାଇଛି। ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ସାନଖେମୁଣ୍ଡି ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଗଣେଶ ରାଉତ, ସନ୍ତୋଷ କୁମାର ହୋତା ଓ ନବ କିଶୋର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟା ସ୍ନିଗ୍ଧାଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବକୁ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ bmpselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ନର


ଅନିଲ


ରୋଶନ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ମାନବ ସେବା ହିଁ ମାଧବ ସେବା
ଶ୍ରୀ ମନୋଜ କୁମାର ସାହୁ
ବି.ଏ.ଏଲ୍.ଏଲ.ବି. ଅଧ୍ୟକ୍ଷ
ଦିବ୍ୟ ଦର୍ଶନ ଜରାଶ୍ରମ ଚାରିଟେବଲ ଟ୍ରଷ୍ଟ
ଆଦିପୁର (ବୁଗୁଡା)

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୫ତମ ଜନ୍ମ ବାର୍ଷିକୀ ଉତ୍ସବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀ କୁଳମଣି ସେଠୀ
ଆଇଆଇସି, ଗୋଷାଣୀନୂଆଗାଁ ଥାନା, ବ୍ରହ୍ମପୁର

ହୋଟେଲ ସାଇନ ଇନ୍
ପେଟ୍ରୋଲ ଟାଙ୍କି ଛକ ନିକଟ, ଜାତୀୟ ରାଜପଥ, ଦାରିଙ୍ଗବାଡ଼ି, କନ୍ଧମାଳ
HOTEL SHINE INN
Near Petrol Tank Chak, N.H. Road, Daringbadi, Kandhamal

With Best Compliments from:
KASAM
(Kandhamal Apex Spices Association for Marketing)
(ISO 9001:2000 CERTIFIED)
Organic Certificate from C.U.C., Netherlands
Netaji Subash Bose Road, Phulbani, Kandhamal: 762001, Odisha, Ph: 06842-253022/255206, E-mail: orissakasam@rediffmail.com, kasam.organic@gmail.com,
Visit us at: www.kasamorganic.com

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ପାଠକ, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Kandhamal Apex Spices Association for Marketing PHULBANI
ଦାରିଙ୍ଗବାଡ଼ି, ଜିଲ୍ଲା– କନ୍ଧମାଳ

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା।
ଧରିତ୍ରୀ ଏକ ନିର୍ଭୀକ ଓ ନିରପେକ୍ଷ ଦୈନିକ ଖବରକାଗଜ।
'ଜଳର ସୁବିନିଯୋଗ କରନ୍ତୁ'
ଶ୍ରୀ ବିଷ୍ଣୁଚରଣ ସାହୁ
ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବୁଗୁଡା ଜଳସେଚନ କାର୍ଯ୍ୟାଳୟ, ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ଏ ପରିପ୍ରେକ୍ଷୀରେ ବୁଗୁଡା ଏନ୍.ଏ.ସିର ସର୍ବସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।
ଶ୍ରୀକାନ୍ତ ସାହୁ
ବିଧାୟକ
ଶ୍ରୀ ସୁଧାଂଶୁ ଶେଖର ପାଢ଼ୀ
ଗଞ୍ଜାମ ଜିଲ୍ଲା ବି.ଜେ.ଡି ସଂପାଦକ ତଥା ପୂର୍ବତନ କାଉନସିଲର, ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।
ଏ ଅବସରରେ ବୁଗୁଡା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ଶ୍ରୀ ଚିତ୍ରସେନ ପ୍ରଧାନ
ବୁଗୁଡା ଏନ୍.ଏ.ସି. ର ପୂର୍ବତନ ଉପାଧ୍ୟକ୍ଷ ତଥା ବୁଗୁଡା ବାଣାୟତ ଓଡିଆ ସମାଜର ସଭାପତି ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ବାର୍ଷିକ ଉତ୍ସବ ଅବସରରେ ଆନ୍ତରିକ ଅଭିନନ୍ଦନ।
ଏ ପରିପ୍ରେକ୍ଷୀରେ ବୁଗୁଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀମତୀ ମାମି ସେନାପତି
ବୁଗୁଡା ବ୍ଲକ ଅଧ୍ୟକ୍ଷା, ବୁଗୁଡା (ଗଞ୍ଜାମ)

"ଧରିତ୍ରୀ"
ସ୍ୱନକ୍ଷତ୍ର ଦିବସରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି ।
ରାଜ୍ୟରେ ବିଜେଡି ସରକାରଙ୍କ ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ବିଜେଡି ଦଳକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ବିନମ୍ର ନିବେଦନ ।
ଦେବରାଜ ମହାନ୍ତି ବିଧାୟକ, ଆସିକା (ଗଞ୍ଜାମ)

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୫ତମ ଜନ୍ମ ବାର୍ଷିକୀ ଉତ୍ସବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀ ସୁରେଶ କୁମାର ତ୍ରିପାଠୀ
ଆଇଆଇସି, ବଡ଼ବଜାର ଥାନା, ବ୍ରହ୍ମପୁର

ଶୁଭେଚ୍ଛା
"ଧରିତ୍ରୀ" ର ସ୍ୱନକ୍ଷତ୍ର ଦିବସରେ ଆସିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମୋର ପୂଜ୍ୟ ଗୁରୁଜନ, ସାଥୀ, ସମର୍ଥକ ଓ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଆସନ୍ତୁ ହାତକୁ ହାତ ମିଳାଇ ଏହି ବ୍ଲକର ସାମଗ୍ରୀକ ବିକାଶକୁ ଆଗେଇ ନେବା ।
ହରେକୃଷ୍ଣ ମଳିକ
ଅଧ୍ୟକ୍ଷ, ଆସିକା ପଞ୍ଚାୟତ ସମିତି

## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

**ଆସିକା,୨୭।୧୧(ଡି.ଏନ୍.ଏ.):** ଆସିକା ଏନ୍ଏସିର ଗାନ୍ଧୀନଗର ଠାରେ ଗତ ୨୦୧୬ ନଭେମ୍ବର ୩ ତାରିଖରେ ଘଟିଥିବା ଏକ ଚୋରି ମାମଲାର ବିଚାର କରି ମଙ୍ଗଳବାର ଦିନ ଆସିକାର ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଗଗନ ସାହୁ ଅଭିଯୁକ୍ତ କପିଳାସ ବେହେରାଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ କରିଛନ୍ତି। ଜୋରିମାନା ଅର୍ଥଅନାଦେୟ ଆଉ ୩ମାସ ଅଧିକ ସଶ୍ରମ କାରାଦଣ୍ଡ ଲାଗି ଅଦାଲତ ଆଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଗାନ୍ଧୀନଗରର କେଦାର ଭଙ୍କ ଘରେ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଥିଲା ବେଳେ ଅଭିଯୁକ୍ତ ଜଣକ ତାଙ୍କ ଘରୁ ନଗଦ ୨ ଲକ୍ଷ ଟଙ୍କା ଓ ୪ ଭରି ସୁନା ଗହଣା ଚୋରି କରିଥିବା ନେଇ ଦୀପକ ଭ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ନିକଟରୁ ୬୩ ହଜାର ଟଙ୍କା ଉଦ୍ଧାର କରାଯିବା ସହ ଘଟଣା ସମ୍ପର୍କରେ ଆସିକା ଥାନାରେ ୨୯୨/୧୬ରେ ଏକ ମାମଲା ରୁଜୁ କରି ବିଚାର ଲାଗି ଅଦାଲତକୁ ପଠାଇଥିଲେ।

### ମିନିବସ୍ ଧକ୍କାରେ ଜଣେ ଗୁରୁତର

**ଶେରଗଡ,୨୭।୧୧(ଡି.ଏନ.ଏ.):** ଗୋବିନ୍ଦପୁର ଓ ମାରୁଡିଜଗନ୍ନାଥପୁର ଗ୍ରାମ ରାସ୍ତା ମଝିରେ ମଙ୍ଗଳବାର ସକାଳେ ବସ୍ ଚକା ଚଢ଼ିଯିବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ହାମ୍ପିଲି ସ୍ୱାଇଁ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଶୁଭସନ୍ଧ୍ୟା ନାମକ ଏକ ଘରୋଇ ମିନିବସ ଶେରଗଡରୁ ହିଞ୍ଜିଳିକାଟୁ ଯାଉଥିବାବେଳେ ଗୋବିନ୍ଦପୁର ଓ ମାରୁଡିଜଗନ୍ନାଥପୁର ଗ୍ରାମ ରାସ୍ତା ମଝିରେ ରାସ୍ତା ପାର ହେଉଥିବା ହାମ୍ପିଲିଙ୍କ ଧକ୍କା ଦେଇ ଗୋଡ ଦୁଇଟି ଉପରେ ଚଢି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

### ୨ ଅଭିଯୁକ୍ତ ଗିରଫ

**ଶଙ୍କରାଖୋଲା,୨୭।୧୧(ଡି.ଏନ୍.ଏ.):** ଟିକାବାଲି ଥାନା ଲୁଜୁରାମୁଣ୍ଡା ଗ୍ରାମର ଭିକୁ ବିଷୋୟୀ ଓ ଗଡ଼ଗହିରି ଗ୍ରାମର ସୁବାଷ କହଁରକୁ ଟିକାବାଲି ପୋଲିସ ୱାରେଣ୍ଟ ବଳରେ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୂର୍ବରୁ ନଂ. ୨୭୬/୦୮ ଓ ୨୭୩/୦୬ରେ ମାମଲା ରହିଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି।

■ ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣାରେ ଗଲାଣି ୩୩୧ ଜୀବନ

**ଛତ୍ରପୁର,୨୭।୧୧(ଡି.ଏନ.ଏ)**



ବୈଠକରେ ଉପସ୍ଥିତ ଜିଲାପାଳ, ଏସପି ଓ ଅନ୍ୟମାନେ।

■ ୨୩୧୪ ଡିଏଲ୍ ରଦ୍ଦ

■ ବୁଲା ଗାଈଙ୍କ ଶିଂଘରେ ଲାଗିବ ରେଡ଼ିୟମ୍

ଜାତୀୟ ରାଜପଥରେ ରାତିରେ ଅବାଧ ବିଚରଣ କରୁଥିବା ଗୋରୁ, ମଇଁଷିଙ୍କ ପାଇଁ ଦୁର୍ଘଟଣା ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ ସେମାନଙ୍କ ଶିଂଘରେ ରେଡିୟମ୍ ଲଗାଯିବ । ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଗଞ୍ଜାମ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରୁ ଏହି ସୂଚନା ମିଳିଛି । ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ରାସ୍ତାରେ ଗୋରୁଙ୍କୁ ଛାଡୁଥିବା ମାଲିକମାନଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ପୋଲିସ, ପରିବହନ କର୍ମଚାରୀ, ହସ୍ପିଟାଲ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଦେଇ ଯାଇଥିବା ଜାତୀୟ ରାଜପଥର ବୈଷୟିକ ଅନୁଧ୍ୟାନ କରାଯିବ। ସେଥିପାଇଁ ଏକ ଟିମ ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଯେଉଁସବୁ ସ୍ଥାନରେ ଅନ୍ୟାନ୍ୟ ବିଭାଗୀୟ ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରୁଛି, ସେଠାରେ ସର୍ତକ ଆଲୁଅ ବ୍ୟବସ୍ଥା କରାଯିବ। ଲଙ୍ଗଳେଶ୍ୱର ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ରାସ୍ତା କଡରୁ ବେଆଇନ ଅବରୋଧ ଉଚ୍ଛେଦ କରାଯିବ। ଭାରିଯାନ ବିଶେଷକରୀ ମାଲବାହୀ ଟ୍ରକ ପାର୍କିଂ ଉପରେ ନଜର ରଖିବାକୁ କୁହାଯାଇଛି। ନୋ ହେଲମେଟ, ନୋ ପେଟ୍ରୋଲକୁ କଡାକଡି କରିବାକୁ ବୈଠକରେ କୁହାଯାଇଛି। ବସରେ ବିପଦସଙ୍କୁଳ ଭାବେ ଅତ୍ୟାଧିକ ଯାତ୍ରୀ ପରିବହନ କଲେ ରେଜିଷ୍ଟ୍ରେଶନ ବାତିଲ କରିବାକୁ ଆରଟିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଗଞ୍ଜାମ ଜିଲାରେ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୬୦୪ ସଡ଼କ ଦୁର୍ଘଟଣା ଘଟି ୩୩୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୮୬ ଜଣ ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥ ଉଗ୍ରତାରା ମନ୍ଦିର, ପାଳଳା ମହାରଜା କଲେଜ ଛକ, ଗୋଳନ୍ଥରା ଛକ, ହଳଦିଆପଦର ଛକ, ଭଞ୍ଜନଗର ଜିଲୁଣ୍ଡି, ସୋରଡା ଟୋଲଗେଟ କରଡାବାଡି ଠାରେ ଅଧିକ ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଥିଲା। ୨୦୧୮ ଜାନୁୟାରୀ ଠାରୁ ଅକ୍ଟୋବର ମାସ ସୁଦ୍ଧା ୨୩୧୪ଟି ଡିଏଲ୍ ରଦ୍ଦ କରାଯାଇଛି। ପୋଲିସ ଓ ଆରଟିଓଙ୍କ ଦ୍ୱାରା ୮୬ ଲକ୍ଷ ୯୮ ହଜାର ୮୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ବୈଠକରେ ଗଞ୍ଜାମ ଏସ୍ପି ବିଜ୍ରେଶ କୁମାର ରଏ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଡିଏସପି କେଶବ ଚନ୍ଦ୍ର ବେହେରା ଓ ବି. କେ. ମିଶ୍ର, ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ, ଏମ୍ଭିଆଇ ସମୀର କୁମାର ଦଳେଇ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ପିଡି ଏନଏଚଆଇ ପ୍ରଶାନ୍ତ ମିଶ୍ର, କମିଟି ସଭ୍ୟ ବସନ୍ତ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆନ୍ତଃ କଲେଜ ଖୋ-ଖୋ ପ୍ରତିଯୋଗିତା

**ଦିଗପହଣ୍ଡି/ପାଟପୁର, ୨୭।୧୧(ଡି.ଏନ.ଏ.)**



ବିଧାୟିକା ଚାମ୍ପିୟନ ଟିମକୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଦିଗପହଣ୍ଡି ଚାମ୍ପିୟନ**

ପାଟପୁର କଲେଜ ଖେଳ ପଡ଼ିଆରେ ଯୁକ୍ତ ୨ ଉଚ୍ଚ ଶିକ୍ଷା ପରିଷଦ ସହାୟତାରେ ଚାଲିଥିବା ଆନ୍ତଃ କଲେଜ ଖୋ-ଖୋ ଖେଳ ଫାଇନାଲରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଚାମ୍ପିୟନ ହୋଇଛି। ମଙ୍ଗଳବାର ଆୟୋଜିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଖେମୁଣ୍ଡି କଲେଜ ଖୋ-ଖୋ ଟିମ୍ ପ୍ରତିପକ୍ଷ ବାଲିପଡ଼ା ଗ୍ରାମସ୍ଥିତ ମା' ମହୁରୀକାଲୁଆ କଲେଜକୁ ପରାଜିତ କରି ଚାମ୍ପିୟନ ହୋଇଥିଲେ। ୨୫ ତାରିଖାରୁ ଚାଲିଥିବା ଖୋ-ଖୋ ଖେଳରେ ୩୩ଟି କଲେଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ମୁଖ୍ୟଅତିଥି ଏବଂ ପାଟପୁର ବିଶ୍ୱେସରାୟା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପାଟପୁର କଲେଜ କ୍ରୀଡ଼ା ଅଧ୍ୟାପକ ଲକ୍ଷ୍ମଣ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

**ଧରାକୋଟ,୨୭।୧୧(ଡି.ଏନ୍.ଏ.)**

ଧରାକୋଟ ଅନନ୍ତ ନାରାୟଣ ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଅକ୍ଷୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଜିଲା ଶିକ୍ଷା ପରାମର୍ଶଦାତା ଡ. ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ନୋଡାଲ ଅଫିସର ଅମୃତ ସେଠୀ ମୁଖ୍ୟବକ୍ତା, ଲଡୁ କିଶୋର ବେହେରା, ବଳରାମ ସ୍ୱାଇଁ, ସୁନିତା ପରିଡ଼ା ପ୍ରମୁଖ ମଞ୍ଚାସୀନ ଥଲେ। ମାଷ୍ଟର ଟ୍ରେନର ବିନିତା ସାହୁ, ସୋନାଲି ଗୌଡ଼ ୨୦୦ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳର ତାଲିମ ଦେଇଥିଲେ। ଛାତ୍ରୀଙ୍କୁ ମାନପତ୍ର ଓ ଗାଇଡ 'ରିଆକ୍ଟ' ପ୍ରଦାନ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଝି ବିଚାରି କାର୍ଯ୍ୟ କଲେ**
**ପ୍ରମାଦ ନ ପଡ଼ଇ ଭଲେ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିରନିଶ୍ଚିତ। ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ। ଏପରି ଭାବିଚିନ୍ତି ବା ବୁଝିବିଚାରି କାର୍ଯ୍ୟ କଲେ ପଛରେ କୌଣସି ପ୍ରକାରର ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହାପିଆଙ୍କର ରୀତି**
**ବାହାରେ କାଢ଼ନ୍ତି ଢମ ବାରବୋଡ଼ି**
**ଘରେ ନ ଜଳଇ ବତି।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥା'ନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାପଣିଆକୁ ନେଇ ଅଯଥା ବାହାଦୁରି ଦେଖାଇଥା'ନ୍ତି। ଢମ ଗପିବାର ବା ବଡ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଡ଼ ଭୟରେ ସ୍କୁଲ ଆସୁନାହାନ୍ତି ପିଲା

**କବିସୂର୍ଯ୍ୟନଗର,୨୭।୧୧**

କବିସୂର୍ଯ୍ୟନଗର ଏନ୍ଏସ ଗୌଡ଼ସାହି ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ପଶି ଜଣେ ନିଶାସକ୍ତ ପିଲାମାନଙ୍କୁ ବାଡେଇବାରୁ ପିଲାମାନେ ବିଦ୍ୟାଳୟାକୁ ଆସୁନଥିବା ନେଇ ମଙ୍ଗଳବାର କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ହୋଇଛି। ଟୁନା ଡାକୁଆ, ସୁନୀଳ ଗୌଡ଼, ସୁନିତା ନାହାକ, ଓ ସ୍କୁଲ ପରିଚାଳନା କମିଟି ସଭାପତି ବିପିନ ବେହେରା ଓ ପ୍ରଧାନ ଶିକ୍ଷକ ଆର. ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏତଲା ପ୍ରକାରେ ସୋମବାର ଗୌଡ଼ସାହି ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ସ୍କୁଲରେ ପଶି ପିଲାଙ୍କୁ ମାରଧର କରିବା ସହ ଏହା ଘରେ କହିଲେ ତାଙ୍କୁ ପ୍ରାଣରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଆଇଆଇସି ତଦନ୍ତ କରାଯିବ ବୋଲି କହିଛନ୍ତି।

# ଭାଜପାର ଜନସମ୍ପର୍କ ପଦଯାତ୍ରା

**ଶେରଗଡ,୨୭।୧୧(ଡି.ଏନ୍.ଏ.)**

ଶେରଗଡ ଭାଜପା ପକ୍ଷରୁ ବ୍ଲକର ୫୭ ଓ ୫୮ ନଂ. ଜୋନର ୧୨ ଟି ପଞ୍ଚାୟତରେ ମଙ୍ଗଳବାର ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନସମ୍ପର୍କ ଯାତ୍ରା ବ୍ରାହ୍ମଣଛାଇ ଠାରୁ ଆରମ୍ଭ ହୋଇ କୁରୁଳାରେ ସମାପ୍ତ ହୋଇଛି। ରାଜ୍ୟ କାର୍ଯ୍ୟାକାରିଣି ସଦସ୍ୟ ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଜୟରାମ ସ୍ୱାଇଁ ପୁରସ୍ତମ ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁଶାନ୍ତ ସିଅ, ନେତୃତ୍ୱରେ ୫୦ରୁ ଅଧିକ ଭାଜପା କର୍ମୀ ପଦଯାତ୍ରାରେ ବ୍ରାହ୍ମଣଛାଇ, ନରେନ୍ଦ୍ରପୁର, ଡେଙ୍ଗାପଦର, ଗୋବିନ୍ଦପୁର, ଧନନ୍ତର, ଧବଳପୁର, କୃଷ୍ଣଛାଇ, ଗୋଠଗାଁ, ଠୁରୁବୁରାଇ, କୁରୁଳା, ଅଲାରିଗଡ, ପଞ୍ଚାୟତକୁ ଯାଇଥିଲେ। ଯାତ୍ରା ସମୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ, ଉଜ୍ଜଳା, ସୌଭାଗ୍ୟ, ଗ୍ରାମୀଣ କୌଶଳ ଆଦି ଯୋଜନା ସମ୍ପର୍କରେ କହିବା ସହ ରାଜ୍ୟ ସରକାରଙ୍କ ବିଫଳତା ନେଇ ବର୍ଷିଥିଲେ।

# ସହଯୋଗୀ ନାବାଳିକା ୬ ମାସ ଅଙ୍ଗନୱାଡିରେ ସାହାଯ୍ୟ କରିବେ

**ଫୁଲବାଣୀ ଅଫିସ, ୨୭।୧୧**

**ନାବାଳିକାଙ୍କୁ ବଳାତ୍କାର ଘଟଣା**

ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ସହଯୋଗ କରିଥିବା ଅନ୍ୟଜଣେ ନାବାଳିକାଙ୍କୁ ମଙ୍ଗଳବାର ଫୁଲବାଣୀ ବାଳ ନ୍ୟାୟିକ ସମିତି ଏକ ଦୃଷ୍ଟାନ୍ତମୂଳକ ପରାମର୍ଶ ଦେଇଛନ୍ତି। ସମ୍ପୃକ୍ତା ନାବାଳିକା ଅଙ୍ଗନୱାଡିରେ ୬ ମାସ ପର୍ଯ୍ୟନ୍ତ ସହାୟତା କରିବେ। ମିଳିଥିବା ସୂଚନା ଅନୁଯାୟୀ, ରାଇକିଆରେ ରହି ପାଠ ପଢୁଥିବା କ. ନୂଆଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୯ ଫେବୃୟାରୀ ୨୦୧୬ରେ ତାଙ୍କର ଜଣେ ନାବାଳିକା ସାଙ୍ଗ ବୁଲିବାକୁ କହି ଡାକି ନେଇଥିଲେ। କିଛି ଦୂରରେ ପୂର୍ବରୁ ଅପେକ୍ଷା କରିଥିବା ୨ଜଣ ଯୁବକଙ୍କ ପାଖରେ ତାଙ୍କୁ ଛାଡି ଦେଇ ଚାଲି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପୀଡିତା ଜଣକ ଏନେଇ ରାଇକିଆ ଥାନାରେ ଏତଲା ଦେବାପରେ ପୋଲିସ ନଂ.୨୨/୧୬ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ମାମଲାର ଶୁଣାଣୀ କରି ଜିଲା ବାଳ ନ୍ୟାୟିକ ସମିତିର ପ୍ରିନ୍ସପାଲ ମାଜିଷ୍ଟ୍ରେଟ ଅଭିଜିତ ପଲେଇ ସହଯୋଗୀ ନାବାଳିକାଙ୍କୁ ନିଜ ଗ୍ରାମ ଅଙ୍ଗନୱାଡିକେନ୍ଦ୍ରରେ ୬ ମାସ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ପ୍ରତାପ କୁମାର ପାତ୍ର ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବକଙ୍କ ବିଚାର ଫୁଲବାଣୀ ଜିଲା ଜଜ୍ଙ୍କ ଅଦାଲତରେ ବିଚାରାଧୀନ ଅଛି।

■ ବ୍ଲକସ୍ତରୀୟ ଜନଜାତି ମହୋତ୍ସବ

# ହଜିଯାଉଛି କୁଇଭାଷା ସଂସ୍କୃତି

**ଦାରିଙ୍ଗବାଡ଼ି,୨୭।୧୧(ଡି.ଏନ.ଏ)**



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ ନିକଟ ପଡ଼ିଆରେ ମଙ୍ଗଳବାର ଦୁଇଦିନିଆ ବ୍ଲକସ୍ତରୀୟ ଜନଜାତି ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ବ୍ଲକ ଆକାଉଣ୍ଟସ୍ ଅଫିସର କ୍ଷେତ୍ରୀବର ଜାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ଏମ୍ପିଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ଦୀପକ କୁମାର ସାହୁ, ଭ୍ରମରବାଡ଼ି ସରପଞ୍ଚ ଆକାଶ ପ୍ରଧାନ, ଡିଲୋରୀ ସରପଞ୍ଚ ବିଷ୍ଣୁ ଚରଣ ପ୍ରଧାନ, ସମବାୟ ସମିତି ଅଧ୍ୟକ୍ଷ ଧର୍ମେନ୍ଦ୍ର ପ୍ରଧାନ, ହିମଗିରି କଳା ପରିଷଦର ସଭାପତି ପତିତପାବନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯିବା ସହ ୨୫ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତିସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଜନଜାତିଙ୍କ ଭାଷା ସଂସ୍କୃତି ହଜିବାକୁ ବସିଲାଣି ଏଭଳି କାର୍ଯ୍ୟକ୍ରମ ଦ୍ୱାରା ହଜିଯାଉଥିବା ପାରମ୍ପରିକ ନୃତ୍ୟ, ଭାଷା, ସଙ୍ଗୀତ, ବାଦ୍ୟଯନ୍ତ୍ର, ସହ ଜନଜାତିଙ୍କ ଚଳଣି ଆଦି ଉପରେ ଛାତ୍ରୀଛାତ୍ର ତଥା ଯୁବପିଢ଼ିଙ୍କୁ ସଚେତନ କରାଇଥିଲେ। ଜନଜାତିଙ୍କ ଛାତ୍ରାବାସରେ କୁଇଭାଷା କହିବା ପାଇଁ ବାଧ କରିବା ଜରୁରୀ ଏହା ଦ୍ୱାରା ଛାତ୍ରୀଛାତ୍ର ମାନେ କୁଇଭାଷା କୁ ଭୁଲିବେ ନାହିଁ ବୋଲି କୁହାଯାଇଥିଲା।

କାର୍ଯ୍ୟକ୍ରମକୁ ବିଡିଓ ତ୍ରିଲୋଚନ ପାତ୍ରଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ, ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର, ସିଆରସିସି ରଞ୍ଜିତ କୁମାର ମିଶ୍ର, ଶ୍ୟାମସୁନ୍ଦର ଦିଗାଳ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଜନଜାତି ଛାତ୍ରୀଛାତ୍ର ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ହୋଇଥିଲା। ମିଷ୍ଟର ନନ୍ସେନ୍ସ ତଥା ମଣି ମହାପାତ୍ର ବ୍ୟଙ୍ଗ ମାଧ୍ୟମରେ ହସାଇଥିଲେ। କୋମଲ୍ ଜ୍ୟୋତି ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତାଙ୍କୁ ଅନିଲ କୁମାର ଷଡ଼ଙ୍ଗୀ ସହଯୋଗ କରିଥିଲେ।


## ଧରିତ୍ରୀ CAREER APPOINTMENT
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

URGENTLY REQUIRED
Urgently required for BBSR Office. Office Executive/ Counsellor (M/F), Asst. Office Executive/ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 29.11.2018 and 02.12.2018 between 12.00 - 3.00 PM.
Call: 2573332, 9776833302, 9776830500

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ପତି କାର୍ଡ଼ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

ସମସ୍ତ AIRPORT ରେ DIRECT JOINING
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

REQUIRED
Bhubaneswarରେ Medifast Pharma (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ:
7873139928

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, All Odisha.
9040019196/9778821577

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ଭୁମ୍ଭା ହିନ୍ଦୀ କହିପାରୁଥିବେ । ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦।
ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ
9884761210

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

JOB
Marketing Executive / Coordinator, Qualification : 10+2 / Graduate / MBA (Fresher), Salary : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. E-mail : konsultant3003@gmail.com

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଗୋପାଳନରେ ପରଜୀବୀ ସମସ୍ୟା



**ଗୋପାଳନରେ ପରଜୀବୀ ଜନିତ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ...**

ପରଜୀବୀମାନେ ଗୋରୁଙ୍କ ଶରୀର ବାହାରେ ବା ଭିତରେ ରହି ଆହାରର ଶତକଡ଼ା ୩୦-୪୦ ଭାଗ ନିଜର ବୃଦ୍ଧି ଓ ବଂଶବୃଦ୍ଧି ପାଇଁ ଉପଯୋଗ କରିଥାନ୍ତି । ଅଲୋଡ଼ା ଅତିଥି ଭାବରେ ପ୍ରାଣୀଙ୍କ ଦେହରେ ରହନ୍ତି। ପ୍ରାଣୀଙ୍କ ରକ୍ତ ଓ ଦେହରୁ ଖାଦ୍ୟ ଖାଇବା ସହିତ ପ୍ରାଣୀଙ୍କର ବିଭିନ୍ନ ରୋଗର କାରଣ ହୋଇଥାନ୍ତି । ପ୍ରାଣୀଙ୍କୁ ବିରକ୍ତ କରିବା ସହିତ ଏମାନେ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଉତ୍ପାଦକତା ଉପରେ ପ୍ରଭାବ ପକାଇଥାନ୍ତି। ଏହି ପରଜୀବୀଗୁଡ଼ିକ ଗାଈ, ମଇଁଷି, ଛେଳି ଓ ମେଣ୍ଢା ଆଦି ତୃଣଭୋଜୀ ପ୍ରାଣୀମାନଙ୍କୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ କରିଥାନ୍ତି କାରଣ ଅଧିକାଂଶ ପରଜୀବୀଙ୍କ ସଂକ୍ରମଣକାରୀ ଚାରଣଭୂଇଁରେ ମହଜୁଦ ଥାଆନ୍ତି। ଆମ ଦେଶର ଉଷ୍ମ ଓ ଆର୍ଦ୍ର ଜଳବାୟୁ ପରଜୀବୀଙ୍କ ବଂଶ ବିସ୍ତାର ଏବଂ ସଂକ୍ରମଣ ପାଇଁ ଅନୁକୂଳ ପରିବେଶ ଯୋଗାଇଥାଏ।

ମଣିଷଙ୍କ ଭଳି ପ୍ରାଣୀମାନେ ମଧ୍ୟ ବିଭିନ୍ନ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ପ୍ରାଣୀଙ୍କୁ ରୋଗାକ୍ରାନ୍ତ କରୁଥିବା ବିଭିନ୍ନ ରୋଗସୃଷ୍ଟିକାରୀ ତତ୍ତ୍ୱ ମଧ୍ୟରୁ ପରଜୀବୀ ବା ପାରାସାଇଟ୍ ଅନ୍ୟତମ। ତୃଣଭୋଜୀ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ବେଶି ସଂଖ୍ୟାରେ ପରଜୀବୀ ଜନିତ ରୋଗଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ପ୍ରକାରଭେଦ:** ପରଜୀବୀଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର, ଯଥା ବାହ୍ୟ ପରଜୀବୀ (ଟିକ୍ଙ୍କ, ଉକୁଣି ଓ ଡାଆଁଶ) ଓ ଅନ୍ତଃ ପରଜୀବୀ (ଗୋଲ କୃମି, ଫିତା କୃମି ଓ ଚେପଟା କୃମି)। ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାର ଅଂଶ ଯଥା ଚର୍ମ ଏବଂ ଲୋମ ସହିତ ସଂଯୁକ୍ତ ହୋଇ ରହିଥାନ୍ତି। ଅନ୍ତଃ ପରଜୀବୀମାନେ ଶରୀର ଭିତରେ ବାସ କରି ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ଶରୀର ଗହ୍ୱର, ରକ୍ତ ନଳୀ ଏବଂ କୋଷିକା ଗୁଡ଼ିକୁ ଆକ୍ରାନ୍ତ କରିଥାନ୍ତି।

**ବାହ୍ୟ ପରଜୀବୀ:** ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାରରେ ରହି ଚର୍ମରେ କ୍ଷତ ସୃଷ୍ଟି କରିଥାନ୍ତି ଅଥବା ପ୍ରାଣୀ ଶରୀରରୁ ରକ୍ତ ଶୋଷଣ କରିଥାନ୍ତି। ବାହ୍ୟ ପରଜୀବୀ ମଧ୍ୟରୁ ଉକୁଣି, ଟିକ୍ଙ୍କ, ମଶା, ମାଛି ଏବଂ ଡାଆଁଶ ମୁଖ୍ୟ। ଗୋରୁଙ୍କ ଦେହରେ ରହିଲେ ସେମାନେ କଷ୍ଟ ପାଇ ବିରକ୍ତ ଓ ବ୍ୟତିବ୍ୟସ୍ତ ହୋଇଥାନ୍ତି। ତାଙ୍କର ଶୋଇବା, ଖାଇବା ତଥା ରହିବା ଠିକ୍ ହୋଇ ନ ଥାଏ । ବିଶ୍ରାମ ଠିକ୍ ନ ନେବାରୁ ଶରୀରର ଅଭିବୃଦ୍ଧି ଏବଂ ଉତ୍ପାଦନ କ୍ଷମତା କମି ଯାଇଥାଏ। ରକ୍ତ ଶୋଷଣକାରୀ ପରଜୀବୀ ଅଧିକ ହେଲେ ପ୍ରାଣୀ ରକ୍ତହୀନତାର ଶିକାର ହୋଇଥାଏ। ବାଛୁରୀ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି । କିଛି ବାହ୍ୟ ପରଜୀବୀ ଯଥା ଡାଆଁଶ ଏବଂ ଟିକ୍ଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ । ମାଇଟ୍ ଭଳି କେତେକ କ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମ ଭିତର ଅଂଶକୁ ପ୍ରବେଶ କଲେ ମଧ୍ୟ ଚର୍ମ କୁଣ୍ଡାଇ ହୁଏ, ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ। ବେଳେବେଳେ ଏହା ଦ୍ୱାରା ପକ୍ଷାଘାତ ମଧ୍ୟ ହୋଇଥାଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିକ୍ଙ୍କ ଏବଂ ମାଛି, ରକ୍ତ ଶୋଷଣ କରିବା ସହିତ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ତାଙ୍କ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ରକ୍ତହୀନତାର ଶିକାର ହୋଇ ଦୁର୍ବଳ ହେବା ଯୋଗୁ ପ୍ରାଣୀମାନେ ଅନ୍ୟାନ୍ୟ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି।



**ବାହ୍ୟ ପରଜୀବୀ ଦ୍ୱାରା ଆକ୍ରାନ୍ତ ବୋଲି କେମିତି ଜାଣିବା:** ନିୟମିତ ବ୍ୟବଧାନରେ ପ୍ରାଣୀଙ୍କ ଚର୍ମ ଓ ଶରୀର ବାହ୍ୟ ଅଂଶକୁ ନିରୀକ୍ଷଣ କରିବା ଦ୍ୱାରା ପରଜୀବୀ ଥିଲେ ଜଣା ପଡ଼ିଯାଏ। ଟିକ୍ଙ୍କ, ଉକୁଣି ଓ ଡାଆଁଶ ଖାଲି ଆଖିରେ ଦେଖାଯାଏ। ମାଇଟ୍ ଥିଲେ ଆକ୍ରାନ୍ତ ସ୍ଥାନଟି ଲୋମହୀନ ହୋଇ କୁଣ୍ଡାଇ ହୋଇଥାଏ। ଏମାନେ ଛେଳିର ଲୋମରେ ରହି ଅଣ୍ଡା ଦେଇଥାନ୍ତି ଏବଂ ପରେ ସେହି ଅଣ୍ଡାରୁ ଛୁଆ ହୋଇ ସମଗ୍ର ଶରୀରରେ ବ୍ୟାପି ଯାଇଥାନ୍ତି । ଗୋରୁମାନେ କଷ୍ଟ ପାଇ ବ୍ୟତିବ୍ୟସ୍ତ ହୁଅନ୍ତି। ଠିକ୍‌ଭାବେ ଖାଦ୍ୟ ଖାଇପାରନ୍ତି ନାହିଁ କି ବିଶ୍ରାମ ନେଇ ପାରନ୍ତି ନାହିଁ, ଯଦ୍ୱାରା ଶରୀରର ଅଭିବୃଦ୍ଧି ଏବଂ ଗାଈଙ୍କ ଦୁଗ୍ଧ ଉତ୍ପାଦନ ବାଧାପ୍ରାପ୍ତ ହୁଏ। ରକ୍ତ ଶୋଷଣକାରୀ ପରଜୀବୀ ଦ୍ୱାରା ପଶୁ ରକ୍ତ ହୀନତାର ଶିକାର ହୁଅନ୍ତି। କିଛି ବାହ୍ୟପରଜୀବୀ ଯଥା ଡାଆଁଶ ଏବଂ ଟିକ୍ଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ, କେତେକ କ୍ଷେତ୍ରରେ ପକ୍ଷାଘାତ (ପାରାଲିସିସ୍) ମଧ୍ୟ ହୁଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିକ୍ଙ୍କ ଏବଂ ମାଛି ରକ୍ତ ଶୋଷଣ କରିବା ସଙ୍ଗେ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ସେଗୁଡ଼ିକ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ମାଇଟ୍ ଭଳି କେତେକ ଅତିକ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମର ଭିତର ଅଂଶକୁ ପ୍ରବେଶ କରିବା ଫଳରେ ଚର୍ମ କୁଣ୍ଡାଇ ହୁଏ। ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ।

**କ'ଣ କରିବେ :** ଗୋରୁମାନେ ଟିକ୍ଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ସେମାନଙ୍କ ଶରୀରରେ ଔଷଧ ପ୍ରୟୋଗ କରିବା ସହିତ ଗୁହାଳରେ ଥିବା ଫାଟ ଓ ସନ୍ଧି ଇତ୍ୟାଦିରେ ଉପଯୁକ୍ତ ମାତ୍ରାରେ ଔଷଧ ପ୍ରୟୋଗ କରନ୍ତୁ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଡେଲଟାମେଥ୍ରିନ୍, ସାଇପରମେଥ୍ରିନ୍ ବା ଆଇଭରମେକ୍ଟିନ୍ ଇତ୍ୟାଦି ଔଷଧ ପ୍ରୟୋଗ କରନ୍ତୁ। ବ୍ଲିଚିଂ ପାଉଡର୍ ଓ ଚୂନକୁ (୧: ୫) ଅନୁପାତରେ ପାଣିରେ ମିଶାଇ ଗୁହାଳ ପରିସରରେ ସିଞ୍ଚନ କଲେ ଟିକ୍ଙ୍କ ଓ ଉକୁଣିର ପ୍ରାଦୁର୍ଭାବ କମିଯାଏ । ଏହି ଔଷଧଗୁଡ଼ିକ ବିଷାକ୍ତ ହୋଇଥିବାରୁ ପିଲାଙ୍କଠାରୁ ଦୂରେଇ ରଖନ୍ତୁ ଏବଂ ଔଷଧ ବ୍ୟବହାର କରିବା ସମୟରେ ହାତରେ ଗ୍ଲୋଭ୍‌ସ ତଥା ନାକ ଓ ମୁହଁରେ ରୁମାଲ ବା ଗାମୁଛା ବାନ୍ଧନ୍ତୁ, ଗୋରୁଙ୍କ ମୁହଁରେ ତୁଣ୍ଡି ଦିଅନ୍ତୁ ଯେପରିକି ଔଷଧକୁ ଚାଟିବେ ନାହିଁ। ଅନ୍ୟାନ୍ୟ ଆବଶ୍ୟକ ସାବଧାନତା ମଧ୍ୟ ଅବଲମ୍ବନ କରନ୍ତୁ। ଆବଶ୍ୟକ ସ୍ଥଳେ ଆକ୍ରାନ୍ତ ପ୍ରାଣୀର ଚର୍ମ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇପାରନ୍ତି।

*–ଡା. ରଞ୍ଜନ କୁମାର ମହାନ୍ତ, ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*

*–ଡା. ସାରଦା ପ୍ରସନ୍ନ ସାହୁ, ପ୍ରାଣୀଧନ ଅଧିକାରୀ, କୃଷି ମନ୍ତ୍ରାଳୟ, ନୂଆଦିଲ୍ଲୀ*

# ଚିନାବାଦାମ କିସମ



ସାଅଳ ବୁଣାଯାଇଥିବା ଚିନାବାଦାମ ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା'ପରେ ଏକର ପ୍ରତି ୧୦୦କେଜି ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦କେଜି ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ କିମ୍ବା ସିଙ୍ଗଲ୍ ସୁପର ଫସ୍‌ଫେଟ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମର ଆବଶ୍ୟକତା ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ଏହି ମାସ ଶେଷ ସୁଦ୍ଧା ଚିନାବାଦାମ ଲଗାନ୍ତୁ। ଉନ୍ନତ କିସମ ଯଥା-ଏକେ୧୨-୨୪, ସ୍ମୃତି କିମ୍ବା ଜେଏଲ-୨୪ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୬୦କେଜି ଅଛଡା ବାଦାମ ବ୍ୟବହାର କରନ୍ତୁ। ବୁଣିବାର ୭ଦିନ ପୂର୍ବରୁ ପ୍ରତି ୧ କିଲୋଗ୍ରାମ୍ ବିହନକୁ ୧.୫ଗ୍ରା କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ। ଏକର ପ୍ରତି ୮କେଜି ଯବକ୍ଷାରଜାନ, ୧୬କେଜି ଫସ୍‌ଫରସ ଓ ୧୬ କେଜି ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ସୂର୍ଯ୍ୟମୁଖୀ



ବିହନ ବୁଣିବାର ୨୫ରୁ ୩୦ଦିନ ପରେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ। ଏକର ପ୍ରତି ୮କି.ଗ୍ରା. ଯବକ୍ଷାରଜାନ ଓ ହାଇବ୍ରିଡ୍ କିସମ ୩୫ଦିନର ହୋଇଯାଇଥିଲେ ୧୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ସାରକୁ ଗଛ ମୂଳଠାରୁ ୩-୪ଇଞ୍ଚ ଛଡାରେ ୨-୩ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ। ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସେଠାରେ ସୁସ୍ଥ ଓ ନୀରୋଗ ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ପାଳନ ପରିପ୍ରେକ୍ଷୀରେ ଆନ୍ତରିକ ଶୁଭେଚ୍ଛା।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ବୁଗୁଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ
ବୁଗୁଡା (ଗଞ୍ଜାମ)



ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଅଭିନନ୍ଦନ।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ
ଜିଲ୍ଲା ଭାଜପା ସାଧାରଣ ସଂପାଦକ
ବୁଗୁଡା (ଗଞ୍ଜାମ)



ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା।
ଏହାର ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମୋର କାମନା।
ଶ୍ରୀମତୀ ରଂଜିତା ତ୍ରିପାଠୀ
ସି.ଡି.ପି.ଓ
ବୁଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ

Well wishes to 45th Birth Anniversary of Dharitri Oriya Daily.
It is the most popular oriya daily newspaper in Odisha. Serve to Humanity is serve to God.
Sri Dr. Kumud Chandra Behera, Ph.D
'INDIA' NGO, Director, Buguda



ଆକାଂକ୍ଷା ଆପଣଙ୍କ ସେବାରେ...




୧. ବୈଷୟିକ ଓ ବାଣିଜ୍ୟିକ କ୍ଷତି ୯ବର୍ଷରେ ୮୦ ପ୍ରତିଶତରୁ ୨୧ ପ୍ରତିଶତରେ ପହଞ୍ଚିଛି।
୨. ଉପଭୋକ୍ତାଙ୍କ ସଂଖ୍ୟା ୧୫ ହଜାରରୁ ୩୮ ହଜାର ଅତିକ୍ରମ କରିଛି।
୩. ୪୫ ପ୍ରତିଶତ ଲୋକାଲ ଲାଇନ୍‌କୁ କେବୁଲ କରାଯାଇଛି।
୪. ସୌଭାଗ୍ୟ ଯୋଜନାରେ ୨୬୫ ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଉଛି।
୫. ସ୍ମାର୍ଟ ମିଟରିଂ ପ୍ରଚଳନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
୬. ଦେଶୀ ଓ ଅଙ୍ଗନୱାଡ଼ି ଯୋଜନାର ଶତପ୍ରତିଶତ ସଫଳ ରୂପାୟନ।




With Best Compliments from

A Well Wisher







ପୁରୁଷ ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ସମେତ ୧୬ ଦଳର ଅଧିନାୟକ

## ଓଡ଼ିଶାବାସୀ ହକିର ସର୍ବଶ୍ରେଷ୍ଠ ପ୍ରଶଂସକ

**ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି):** ‘‘ହକି ବିଶ୍ୱକପ ଇତିହାସରେ ଯାହା ପୂର୍ବରୁ କେବେ ହୋଇ ନ ଥିଲା ତାହା ଓଡ଼ିଶା କରି ଦେଖାଇଲା। ପୂର୍ବ ୧୩ଟି ସଂସ୍କରଣଠାରୁ ଏଥର ନିଆରା ଭାବରେ ବିଶ୍ୱକପ ଆରମ୍ଭ କରି ଓଡ଼ିଶା ଉଦାହରଣ ସୃଷ୍ଟି କଲା। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ’’ ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଉଦ୍‌ଘାଟନ ଅବସରରେ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା। ଓଡ଼ିଶାବାସୀ ହେଉଛନ୍ତି ହକିର ସର୍ବଶ୍ରେଷ୍ଠ ପ୍ରଶଂସକ। ୨୦୧୩ରେ ଆମକୁ ହକି ବିଶ୍ୱକପ ଆୟୋଜନ ଅଧିକାର ମିଳିଥିଲା। ୨୦୧୮ରେ ଓଡ଼ିଶାରେ ଏବେ ତାହା ଆୟୋଜନ ହେବାକୁ ଯାଉଛି।

ଖାଲି ଆୟୋଜନ ହୋଇନାହିଁ, ଯେପରି ଢଙ୍ଗରେ ଆୟୋଜନ ହୋଇଛି ତାହା ବିଶ୍ୱରେ ଏକ ନଜିର ସୃଷ୍ଟି କରିଛି। ଓଡ଼ିଶା ବାସୀଙ୍କ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଷ୍ଟାଡିୟମରେ ଭରପୂର ସଂଖ୍ୟାରେ ଉପସ୍ଥିତ ହୋଇ ଯେପରି ହକିକୁ ଆପଣମାନେ ସମର୍ଥନ ଜଣାଇଛନ୍ତି ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଏଥିପାଇଁ ହକି ଇଣ୍ଡିଆ, ଓଡ଼ିଶା ସରକାରଙ୍କୁ ଧନ୍ୟବାଦ। ହକି ବିଶ୍ୱକପ କେଉଁ ସ୍ତରରେ ହେବା ଆବଶ୍ୟକ ତାହା ଓଡ଼ିଶା କରି ଦେଖାଇ ଦେଇଛି। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇ ପାରିଛି। ଏଥିପାଇଁ ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ପଡ଼ିବ। କାରଣ ତାଙ୍କ ଭରପୂର ସମର୍ଥନ ଯୋଗୁ ଏହା ସମ୍ଭବ ହୋଇ ପାରିଛି ଏବଂ ଓଡ଼ିଶା ଏବେ ଭାରତର କ୍ରୀଡ଼ା ରାଜଧାନୀ ହେବା ପଥରେ ରହିଛି। ଏଠାରେ ମିଳିଥିବା ସମର୍ଥନରେ ବାସ୍ତବିକ୍ ମୁଁ ବହୁତ ଖୁସି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ଉତ୍ସାହିତ କରିଛି। ଆମେ ଓଡ଼ିଶା ବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର କୃତଜ୍ଞ ବୋଲି ଓଡ଼ିଆରେ କହିଥିଲେ ବାତ୍ରା।

# ଉଦ୍‌ଘାଟନୀ ଝଲକ



ଷ୍ଟାଡ଼ିୟମ୍‌କୁ ପ୍ରବେଶ ଅବସରରେ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍।





ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍‌ଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ଫ୍ୟାନ୍ କର୍ଣ୍ଣର








ଷ୍ଟାଡ଼ିୟମ୍ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଟିକେଟ୍ ପ୍ରଦର୍ଶନ କରୁଛନ୍ତି ହକିପ୍ରେମୀ । ଜଣେ କୁନି ପ୍ରଶଂସକ ହକି ଚିତ୍ରିତ ଏକ ଫଟୋ ଧରିଛନ୍ତି। କଟକଣା ଯୋଗୁ ଦର୍ଶକଙ୍କଠାରୁ ପୋଲିସ କଏନ ଜବତ କରି ରଖିଛି।

# ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ

ଭୁବନେଶ୍ୱର, ୨୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାରେ ବାଜିସାରିଛି ହକି ବିଗୁଲ୍। ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ବଲିଉଡ୍‌ର ନାମୀଦାମୀ ତାରକାଙ୍କ ଉପସ୍ଥିତିରେ ଆଖି ଝଲସିବା ଭଳି ଉଦ୍‌ଘାଟନୀ ଉତ୍ସବ ସହ ହକି ବିଶ୍ୱକପ୍‌ର ଚର୍ତୁଦଶ ସଂସ୍କରଣ ଆରମ୍ଭ ହୋଇଛି। ବୁଧବାରଠାରୁ କାର୍ଯ୍ୟସୂଚୀ ଅନୁଯାୟୀ ମ୍ୟାଚ୍ ଆରମ୍ଭ ହେବ। ବେଲଜିୟମ ଓ କାନାଡା ମଧ୍ୟରେ ସନ୍ଧ୍ୟା ୫ଟାରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ।

**ଆଜିର ମ୍ୟାଚ୍**

ବେଲଜିୟମ ବନାମ କାନାଡା
ପୁଲ୍-ସି
ସମୟ ଅପରାହ୍ନ- ୫ଟା

ଭାରତ ବନାମ ଦକ୍ଷିଣ ଆଫ୍ରିକା
ପୁଲ୍- ସି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣଃ ଷ୍ଟାର୍ ସ୍ପୋର୍ଟ୍ସ**

ଏହାପରେ ରାତି ୭ଟାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଆୟୋଜକ ଭାରତୀୟ ଦଳ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଘରୋଇ ପରିବେଶରେ ଭାରତ ବିଶ୍ୱ ହକିର ଏହି ସର୍ବବୃହତ ଇଭେଣ୍ଟ ଖେଳିବାକୁ ଯାଉଥିବାରୁ ମନପ୍ରୀତ୍ ସିଂଙ୍କ ଦଳକୁ ଟାଇଟଲ୍ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ତେଣୁ ଦୀର୍ଘ ୪୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ପୁଣିଥରେ ବିଶ୍ୱବିଜେତା ହେବ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି।

ଆଠଥର ଅଲିମ୍ପିକ୍ସ ଚାମ୍ପିୟନ ଭାରତ ପ୍ରଥମ ଓ ଅନ୍ତିମଥର ଲାଗି ୧୯୭୫ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଅଧିନାୟକ ଅଜିତ୍ ପାଲ୍ ସିଂଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ମାଲେସିଆରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନକୁ ୨–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହାପରଠାରୁ ୪ ଦଶନ୍ଧି ଧରି ବିଶ୍ୱହକିରେ ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଷ୍ଟ୍ରେଲିଆର ପ୍ରାଧାନ୍ୟ ଆଗରେ ଭାରତୀୟ ଦଳ ଆଶାନୁରୂପ ସଫଳତା ପାଇ ନ ଥିଲା। ୧୯୭୫ରେ ବିଶ୍ୱକପ୍ ଜିତିବାର ପରବର୍ତ୍ତୀ ୧୦ଟି ସଂସ୍କରଣରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ୫ମ ସ୍ଥାନ ରହିଛି। ୧୯୮୨ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ଏହି ସ୍ଥାନ ହାସଲ କରିଥିଲା। ବର୍ତ୍ତମାନ ବିଶ୍ୱହକିର ପଞ୍ଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରି ପୋଡିୟମ ଫିନିଶ୍ କରିବା ଲକ୍ଷ୍ୟରେ ରହିଛି। କିନ୍ତୁ ଦୁଇଥର ବିଶ୍ୱବିଜେତା ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିଶ୍ୱକପ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ପହଞ୍ଚିଥିବାରୁ ଭାରତ ଚାମ୍ପିୟନ ହେବାନେଇ କୋଟି କୋଟି କ୍ରୀଡ଼ାପ୍ରେମୀ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ସେତେଟା ସହଜ ହେବନାହିଁ। ଭାରତ ଶେଷଥର ପାଇଁ ଘରୋଇ ଗ୍ରାଉଣ୍ଡରେ ନୂଆଦିଲ୍ଲୀଠାରେ ୨୦୧୦ରେ ବିଶ୍ୱକପ୍ ଖେଳିଥିଲା। ଏହି ବିଶ୍ୱକପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା, ଯାହା ଆୟୋଜକ ଦେଶ ଭାବେ କୌଣସି ଦେଶ ପାଇଁ ସବୁଠାରୁ ଖରାପ ପ୍ରଦର୍ଶନ। ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ କିନ୍ତୁ ଏଥର ଘରୋଇ ପ୍ରଶଂସକଙ୍କ ଆଗରେ କମାଲ କରିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ଏସିଆନ ଗେମ୍ସରେ ଭାରତୀୟ ଦଳ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଥିବାରୁ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ବର୍ତ୍ତମାନ ସ୍କାନରରେ ରହିଛନ୍ତି। ବିଶ୍ୱକପ୍‌ରେ ଯଦି ଭାରତ ଆଶାନୁରୂପକ ପ୍ରଦର୍ଶନ କରିବାରେ ବିଫଳ ହୁଏ ତେବେ ହରେନ୍ଦ୍ରଙ୍କ ପଦ ସଙ୍କଟକୁ ଚାଲିଆସିବ। ତେଣୁ ହରେନ୍ଦ୍ରଙ୍କ ପାଇଁ ଏହି ବିଶ୍ୱକପ୍ 'କର ବା ମର' ସଦୃଶ ହୋଇଛି। ଦୁଇବର୍ଷ ତଳେ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ହରେନ୍ଦ୍ର ସେହି ସମୟରେ ଭାରତୀୟ ଦଳର କୋଚ୍ ରହିଥିଲେ। ତେଣୁ ହରେନ୍ଦ୍ର ଦୁଇବର୍ଷ ତଳର ଏହି ସଫଳତା ଏବେ ସିନିୟର ଦଳ ସହ ଦୋହରାଇବା ଆଶାରେ ରହିଛନ୍ତି। ୧୮ଜଣିଆ ଭାରତୀୟ ଦଳରେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ସ୍ଥାନ ପାଇଥିବାରୁ କଳିଙ୍ଗ ଷ୍ଟାଡିୟମରେ ହକିପ୍ରେମୀ ସେମାନଙ୍କଠାରୁ ଉନ୍ନତ ପ୍ରଦର୍ଶନ ଆଶା ରଖିଛନ୍ତି।



କୋଚ୍ ହରେନ୍ଦ୍ର ସିଂଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

**୪୩ ବର୍ଷ ପ୍ରତୀକ୍ଷାର ଅନ୍ତ ଲକ୍ଷ୍ୟରେ ମନପ୍ରୀତ୍ ସେନା**

**ଭାରତୀୟ ହକି ଦଳ**

ପି.ଆର୍. ଶ୍ରୀଜେସ, କ୍ରୀଷ୍ଣା ବାହାଦୂର ପାଠକ (ଉଭୟ ଗୋଲକିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଠଜିତ୍ ସିଂ ଖଙ୍ଗଡବାମ୍, ସୁରେନ୍ଦ୍ର କୁମାର, ଅମିତ୍ ରୋହିଦାସ (ସମସ୍ତେ ଡିଫେଣ୍ଡର), ମନପ୍ରୀତ୍ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କଙ୍ଗୁଜାମ୍ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ସୁମିତ୍ (ସମସ୍ତେ ମିଡ୍‌ଫିଲ୍ଡର), ଆକାଶଦୀପ୍ ସିଂ, ମନଦୀପ୍ ସିଂ, ଦିଲପ୍ରୀତ୍ ସିଂ, ଲଳିତ୍ କୁମାର ଉପାଧାୟା ଓ ସିମରନଜିତ୍ ସିଂ (ସମସ୍ତେ ଫରୱାର୍ଡ), ମୁଖ୍ୟକୋଚ୍- ହରେନ୍ଦ୍ର ସିଂ।

# 'ପୂର୍ବରୁ କେବେ ଏପରି ସମ୍ବର୍ଦ୍ଧନା ପାଇ ନ ଥିଲି'

ଧ୍ୟାନଚାନ୍ଦଙ୍କ ସହ ମୋ ନାମ ଯୋଡ଼ି ହୋଇଥିବାରୁ କେବଳ ତାଙ୍କ ପୁଅଭାବେ ନୁହେଁ ଜଣେ ଖେଳାଳି ହିସାବରେ ମଧ୍ୟ ମୋର କିଛି କରିବାର ଇଚ୍ଛା ମନରେ ରହିଥିଲା। ଆଉ ଏହି ସୁଯୋଗ ୧୯୭୫ ବିଶ୍ୱକପ୍‌ରେ ମୋତେ ମିଳିଥିଲା। ପାକିସ୍ତାନ ବିପକ୍ଷ ଫାଇନାଲରେ ମ୍ୟାଚ୍ ବିଜୟୀ ଗୋଲଟି ମୋ ଷ୍ଟିକ୍ସରୁ ସ୍କୋର ହୋଇଥିବାରୁ ଜଣେ ଖେଳାଳିଭାବେ ତା'ର ଅନୁଭୂତି ମୋ ଲାଗି ଆଜି ବି ସ୍ମରଣୀୟ ହୋଇ ରହିଛି। ବିଶ୍ୱକପ୍ ପରେ ଯେତେବେଳେ ଘରକୁ ଫେରିଲି ମୋ ପିତା କିଛି ନ କହି ଦୁଇଥର ପିଠି ଥାପୁଡ଼ି ଦେଇଥିଲେ, ଯାହା ମୋ ଲାଗି ସମ୍ମାନ ସଦୃଶ ଥିଲା ଏବଂ ଏହାକୁ ଆଜି ପର୍ଯ୍ୟନ୍ତ ଭୁଲିପାରିନାହିଁ ବୋଲି ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଅଶୋକ କୁମାର ଧ୍ୟାନଚାନ୍ଦ ଭୁବନେଶ୍ୱରରେ ପହଞ୍ଚିବା ପରେ କହିଛନ୍ତି। ୧୯୭୫ରେ ବିଶ୍ୱ ଚାମ୍ପିୟନ ହେବାର ଶ୍ରେୟ ପୂରା ଦଳକୁ ଯିବ। ସମସ୍ତ ଖେଳାଳିଙ୍କ କମାଲ ଯୋଗୁ ଆମେ ବିଶ୍ୱକପ୍ ଜିତିପାରିଥିଲୁ ବୋଲି କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ ଏହି ଅବସରରେ ପ୍ରକାଶ କରିଛନ୍ତି।



ଅଶୋକ କୁମାର ଧ୍ୟାନଚାନ୍ଦ

ଆଜି ଯେଉଁଭଳି ଭାବେ ଆମକୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଛି ୧୯୭୫ରେ ମାଲେସିଆରୁ ବିଶ୍ୱକପ୍ ଜିତି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାପରେ ସେତେବେଳେ ମଧ୍ୟ ଏହିଭଳି ସମ୍ବର୍ଦ୍ଧନା ମୁଁ ଭାବୁଛି ମିଳି ନ ଥିଲା। ସେହି ସ୍ମୃତି ଆଜି ଭୁବନେଶ୍ୱରରେ ମନେ ପଡ଼ିଯାଇଛି। କଳିଙ୍ଗ ଷ୍ଟାଡିୟମରେ ଏହିଭଳି ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଥିବାରୁ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ଓଡ଼ିଶାକୁ ମିଳିଛି। ସେହିଭଳି ଏତେ ବଡ଼ ଇଭେଣ୍ଟ ଆୟୋଜନ କରିବାର ଦାୟିତ୍ୱ ହାତକୁ ନେଇଥିବାରୁ ବିଶେଷ କରି ହକିରେ ଆମେ ଯେଉଁ ପୂର୍ବ ଗୌରବକୁ ହରାଇଥିଲୁ ତାହାକୁ ପୁଣିଥରେ ଉଜ୍ଜିବିତ କରିବାରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିଲାଗି ତାଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ଧ୍ୟାନଚାନ୍ଦ କହିଛନ୍ତି। ବର୍ତ୍ତମାନର ଭାରତୀୟ ହକି ଦଳ ୧୯୭୫ ବିଶ୍ୱକପ୍ ସଫଳତା ଦୋହରାଇବ ବୋଲି ଧ୍ୟାନଚାନ୍ଦ ଆଶା ରଖିଛନ୍ତି।

# କଳିଙ୍ଗରେ ସରିଲା, ଆଜି ବାରବାଟୀ

**କଟକ ଅଫିସ, ୨୭।୧୧:** ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମହାସମାରୋହରେ ଶେଷ ହୋଇଛି । ତେବେ ବୁଧବାର ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ବାରବାଟୀରେ ଅନୁଷ୍ଠିତ ହେବ । ବାରବାଟୀ ଷ୍ଟାଡିୟମ ପଡ଼ିଆରେ ପ୍ରାୟ ୧୦୦ଫୁଟ ଲମ୍ବର ଏକ ଆକର୍ଷଣୀୟ ମଞ୍ଚର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ । ମଞ୍ଚ ସୋମବାର ସୁଦ୍ଧା ଶେଷ ହୋଇ ମଙ୍ଗଳବାର ସନ୍ଧ୍ୟାରେ କଳାକାରମାନେ ଅଭ୍ୟାସ କରିବେ ବୋଲି ପୂର୍ବରୁ ଯୋଜନା ହୋଇଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମଞ୍ଚ ତିଆରି କାର୍ଯ୍ୟ ଜାରି ରହିଥିଲା ।

## ୧୦.୩୦ରୁ ଖୋଲିବ ଗେଟ୍

ଦର୍ଶକମାନଙ୍କ ନିମନ୍ତେ ସକାଳ ୧୦.୩୦ରୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଅନୁମତି ମିଳିଛି । ବିଭିନ୍ନ ଗ୍ୟାଲେରୀ ଓ ପଡ଼ିଆ ମଧ୍ୟକୁ ଯିବା ନିମନ୍ତେ ମୋଟ ୧୫ଟି ଗେଟ ଖୋଲାଯିବ । ସୂଚନା ଥାଉକି, ବାରବାଟୀରେ ହେବାକୁ ଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ଗ୍ୟାଲେରୀ ନଂ–୧, ୨, ୫, ୬, ୭, ସ୍ପେସାଲ ଏନ୍‌କ୍ଲୋଜର–ଏ, ସ୍ପେସାଲ ଏନ୍‌କ୍ଲୋଜର–ବି, କ୍ଲବ ହାଉସ ଗ୍ରାଉଣ୍ଡ ଫ୍ଲୋର ଓ ଗ୍ରାଉଣ୍ଡରେ ଦର୍ଶକମାନେ ବସି ପାରିବେ । କର୍ପୋରେଟ ବକ୍ସ ସମ୍ମୁଖକୁ ଶୋର ମଞ୍ଚ ହେଉଥିବା ହେତୁ ଅନ୍ୟ କିଛି ଗ୍ୟାଲେରୀ ବାଦ୍ ପଡ଼ିଛି ।

## ସଲମାନଙ୍କ ଆସିବା ନେଇ ସନ୍ଦେହ

ବାରବାଟୀରେ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ହେବା ନେଇ ଯୋଜନା ହଠାତ୍ ହୋଇଥିଲା । ଏହି ଉତ୍ସବରେ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ତଥା ଓସ୍କାର ଆୱାର୍ଡ ବିଜେତା ଏ.ଆର ରହମନ ଯୋଗ ଦେବେ ବୋଲି ଘୋଷଣା ହୋଇଥିଲା । ରହମନ ମଧ୍ୟ ଏ ନେଇ ଟୁଇଟ କରିଥିଲେ । ତେବେ ପରେ ଅଭିନେତା ପ୍ରଭାସ ଯୋଗ ଦେବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହା ପରେ ଆଉ ଏକ ବଡ଼ ଚର୍ଚ୍ଚାର ବିଷୟ ଏଥିରେ ସାମିଲ ହୋଇଥିଲା ଯେ, ବଲିଉଡ ଭାଇଜାନ ଭାବେ ପରିଚିତ ସଲମାନ ଖାନ କଟକର ଉତ୍ସବରେ ଯୋଗ ଦେବେ । ହେଲେ ଏବେ ସଲମାନ ଆସିବେନି ବୋଲି ଅନେକ କ୍ଷେତ୍ରରୁ ଶୁଣିବାକୁ ମିଳିଲାଣି । ବାରବାଟୀର ଏହି ଉତ୍ସବ ପାଇଁ ଯେତିକି ଟିକେଟ ବିକ୍ରି ହୋଇ ନଥିଲା, କେବଳ ସଲମାନଙ୍କ ଆସିବା କଥା ଚର୍ଚ୍ଚା ହେବା ପରେ ବଳକା ସମସ୍ତ ଟିକେଟ କିଛି ଘଣ୍ଟାରେ ବିକ୍ରି ହୋଇଗଲା । କିଛି ବରିଷ୍ଠ ପୋଲିସ ଅଧିକାରୀ, ଜିଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ସଲମାନଙ୍କ ଆସିବାକୁ ନେଇ ସ୍ପଷ୍ଟ ଉତ୍ତର ଦେଉ ନାହାନ୍ତି ।

## ପାଣି ବୋତଲ ମନା

ଦର୍ଶକମାନଙ୍କ ନିମନ୍ତେ ପାଣି ବୋତଲ ନେବା ଉପରେ କଟକଣା ଲାଗିଛି । ଅର୍ନ୍ତଜାତୀୟ ମ୍ୟାଚ୍ ବେଳେ ହେଉଥିବା ବ୍ୟବସ୍ଥା ଅନୁଯାୟୀ, ପାନୀୟ ଜଳ କିଛି କର୍ମଚାରୀଙ୍କ ଦ୍ୱାରା ଗ୍ଲାସରେ ବଣ୍ଟାଯିବ ବୋଲି ଘୋଷଣା କରାଯାଇଛି । ଏହାଛଡ଼ା ବିସ୍ଫୋରକ ସାମଗ୍ରୀ, ହେଲମେଟ୍, କାଚ, ବାଣ, ଲୁହା ସାମଗ୍ରୀ ଭଳି ଅନ୍ୟକିଛି ଜିନିଷ ଉପରେ ମଧ୍ୟ କଟକଣା ଲାଗିଛି ।

## ବାଲିଯାତ୍ରା, ବାରବାଟୀ ପାଇଁ ପୃଥକ ବ୍ୟବସ୍ଥା

ବାଲିଯାତ୍ରା ଓ ବାରବାଟୀ ଷ୍ଟାଡିୟମରେ ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ପୋଲିସ ପୃଥକପୃଥକ ବ୍ୟବସ୍ଥା ଗ୍ରହଣ କରିଛି । ଏପରିକି ବାରବାଟୀକୁ ଆସିଥିବା ଦର୍ଶକ ବାଲିଯାତ୍ରାକୁ ଯାଇ ପାରିବେ ନାହିଁ । ଷ୍ଟାଡିୟମ ସମ୍ମୁଖ ରୋଡରୁ ବ୍ୟାରିକେଡ ବିଜୁ ପଟ୍ଟନାୟକ ଛକ ଓ ଚଣ୍ଡୀଛକ ପର୍ଯ୍ୟନ୍ତ ରହିବ । ଫଳରେ ଉଭୟ ସ୍ଥାନର ଭିଡ଼ ଭିନ୍ନଭିନ୍ନ ରହିବ।

# ଜୁନିୟର ଖେଳାଳିଙ୍କ ସପକ୍ଷରେ ହରେନ୍ଦ୍ର

**ଭୁବନେଶ୍ୱର, ୨୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳର ବହୁ ଜୁନିୟର ଖେଳାଳିଙ୍କୁ ନିଆଯିବାରେ ଯଥାର୍ଥ ରହିଛି ବୋଲି ଭାରତର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ବର୍ତ୍ତମାନର ୧୮ ଜଣିଆ ଭାରତୀୟ ଦଳରେ ୭ଜଣ ଜୁନିୟର ବିଶ୍ୱକପ୍ ଦଳର ଖେଳାଳି ସ୍ଥାନ ପାଇଛନ୍ତି। ଯେଉଁମାନେ ଦୁଇବର୍ଷ ତଳେ ହରେନ୍ଦ୍ରଙ୍କ ଅଧୀନରେ ଲକ୍ଷ୍ନୌଠାରେ ବିଶ୍ୱ ଟାଇଟଲ ଜିତିଥିଲେ। ହରମନପ୍ରୀତ ସିଂ, ବରୁଣ କୁମାର, ସୁମିତ, ମନଦୀପ ସିଂ ଓ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକ ଭାରତୀୟ ଦଳ ପାଇଁ ମନୋନୀତ ହୋଇଛନ୍ତି। ସମ୍ବିଧାନ ଆମକୁ ୧୮ବର୍ଷ ପରେ ବିବାହ ପାଇଁ ଅନୁମତି ଦେଇଛି। ତେଣୁ ଏହା ଏକ ଯୁବ ଦଳ ନୁହେଁ। ଦଳ ନିକଟରେ ଇତିହାସ ରଚିବାର ସାମର୍ଥ୍ୟ ରହିଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଓପନିଂ ମ୍ୟାଚ ପୂର୍ବରୁ ହରେନ୍ଦ୍ର ଏକଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଖେଳାଳିମାନଙ୍କୁ ରଣକୌଶଳ କାର୍ଯ୍ୟକାରୀ କରିବା ଦିଗରେ ମନୋନିବେଶ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଦର୍ଶକମାନଙ୍କୁ ଦ୍ୱାଦଶ ଖେଳାଳି ବୋଲି ମନେ କରିବାକୁ ହେବ। ସେମାନଙ୍କ ସମର୍ଥନ ଆମକୁ ସହାୟକ ହେବ।






# ବିସିସିଆଇକୁ ମିଥାଲିଙ୍କ ଚିଠି

## ପଦବୀର ଅପବ୍ୟବହାର କରିଛନ୍ତି ଇଡ୍ଡୁଲ୍‌ଜୀ

ନୂଆଦିଲ୍ଲୀ, ୨୭।୧୧(ପି.ଟି.)

ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ ମଙ୍ଗଳବାର ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଇଡ୍ଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କୁ ସମାଲୋଚନା କରିଛନ୍ତି। ଉଭୟ ପକ୍ଷପାତ ନୀତି ଅବଲମ୍ବନ କରିବା ସହ ମୋ କ୍ୟାରିୟର ନଷ୍ଟ କରିବା ଲକ୍ଷ୍ୟରେ ରହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଇ–ମେଲ ଜରିଆରେ ଏ ବିଷୟରେ ସେ ଏକ ଚିଠି ଲେଖିଛନ୍ତି। ମିଥାଲି ଫର୍ମରେ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ। ଏହି ସିନିୟର ମହିଳା କ୍ରିକେଟର କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ମୋ ଦୀର୍ଘ ଦୁଇ ଦଶନ୍ଧି କ୍ୟାରିୟରର ସବୁଠାରୁ ଦୁଃଖଦ ଘଟଣା ଥିଲା। ମୋତେ ଏତେ ବାଧିଥିଲା ଯେ, ମୁଁ କାନ୍ଦି ପକାଇଥଲି। ଭାରତର ଏହି ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସଓମେନ ବିସିସିଆଇ ସିଇଓ ରାହୁଲ ଜୋହରି ଏବଂ ଜେନେରାଲ ମ୍ୟାନେଜର(ଜିଏମ୍)ଙ୍କ ନିକଟକୁ ପଠାଇଥିବା ଚିଠିରେ ଅଭିଯୋଗ କରି କହିଛନ୍ତି ଉଭୟ ଇଡ୍ଡୁଲ୍‌ଜୀ ଓ ପାୱାର ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏହି ଘଟଣା ମୋତେ ହତାଶ ଓ ନିରାଶ କରିଛି। କ୍ଷମତାରେ ଥିବା କେତେଜଣ ବ୍ୟକ୍ତି ମୋ ଆତ୍ମବିଶ୍ୱାସ ଭଙ୍ଗ କରିଦେଇଛନ୍ତି। ମିଥାଲି ହେଉଛନ୍ତି ଭାରତୀୟ ମହିଳା ଦିନିକିଆ କ୍ରିକେଟ ଦଳର ଅଧିନାୟିକା। ସେ କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ନେଇ ଇଡ୍ଡୁଲଜୀଙ୍କ ଆଭିମୁଖ୍ୟ ମୋତେ ଖୁବ୍ ବାଧିଛି। ସିଓଏ ସଦସ୍ୟା ଏକ ସାକ୍ଷାତ୍କାରରେ ଦର୍ଶାଇଛନ୍ତି ଦଳ ଚୟନ କ୍ଷେତ୍ରରେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଯିବା ଉଚିତ୍ ନୁହେଁ। ଇଡ୍ଡୁଲ୍‌ଜୀଙ୍କୁ ମୁଁ ସବୁବେଳେ ସମ୍ମାନ ଦେଇଆସିଛି। ତାଙ୍କ ଉପରେ ମୋର ଦୃଢ ବିଶ୍ୱାସ ମଧ୍ୟ ରହିଥିଲା। ସେ ମୋ ବିରୋଧରେ ଯିବେ ଏହା ମୋ କଳ୍ପନା ବାହାରେ ଥିଲା। ଶୁଣିବାକୁ ମିଳୁଛି ସୋମବାର ଜୋହରି ଏବଂ କରିମ୍‌ଙ୍କୁ ଭେଟିବା ବେଳେ ମିଥାଲି ତାଙ୍କ ସହିତ କ'ଣ ସବୁ ଆଲୋଚନା କରିଥିଲେ, ସେ ବିଷୟରେ ଜଣାଇବା ଲାଗି ମିଥାଲିଙ୍କୁ ଇଡ୍ଡୁଲ୍‌ଜୀ ବାଧ୍ୟ କରିଥିଲେ। ସୂଚନାଯୋଗ୍ୟ, ମିଥାଲି ଭାରତ ତରଫରୁ ୮୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି ଏବଂ ୨୨୮୮ ରନ ସ୍କୋର କରିଛନ୍ତି। ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ତାଙ୍କର ଆଭରେଜ ୫୦ରୁ ଅଧିକ ରହିଛି।



# ବାଇକ୍ ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ମୃତ, ରାସ୍ତା ଅବରୋଧ

ଛତ୍ରପୁର,୨୭।୧୧(ଡି.ଏନ.ଏ)

ଚମାଖଣ୍ଡି ଥାନା ନରେନ୍ଦ୍ରପୁର ପିଡବ୍ଲ୍ୟୁଡି ଅଫିସ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ବାଇକ୍ ଧକ୍କାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ରପୁରର ଶାନ୍ତନୁ କୁମାର ଜେନା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଓ ହମ୍ପସ ନିର୍ମାଣ ଦାବି ନେଇ ସେଠାରେ ଟାୟାର ଜାଳି ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଫଳରେ ବ୍ରହ୍ମପୁର- ପୁରୁଷୋତ୍ତମପୁର ରାସ୍ତାରେ ଯାତାୟତ ପ୍ରଭାବିତ ହେବା ସହ ଉଭୟ ପାର୍ଶ୍ୱରେ ବହୁ ଗାଡି ଅଟକି ରହିଥିଲା। ଖବର ପାଇ ଚମାଖଣ୍ଡି ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଦାବି ପୂରଣ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେବା ରାସ୍ତା ଅବରୋଧ ହଟିଥିଲା। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବୁଧବାର ହମ୍ପସ ନିର୍ମାଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ୨ ଛାତ୍ର ବ୍ରହ୍ମପୁରରୁ ବାଇକ ଯୋଗେ କଲେଜକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର କରୁଥିବା ଅବସରପ୍ରାପ୍ତ ଶିକ୍ଷକ ଜେନାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚମାଖଣ୍ଡି ଥାନା ପୋଲିସ ଏକ ମାମଲା (ନଂ.୧୨୮/୧୮) ରୁଜୁ କରିବା ସହ ୨ ବାଇକ ଆରୋହୀଙ୍କୁ ଅଟକ ରଖିଛି।

# ପଥର ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ

ବୁଗୁଡ଼ା,୨୭।୧୧(ଡି.ଏନ.ଏ.)

ବୁଗୁଡ଼ା ତହସିଲ ଅନ୍ତର୍ଗତ ମାଣିତରା ବିରଞ୍ଚିପୁର ରାସ୍ତାରେ ମଙ୍ଗଳବାର ଚଢ଼ାଉ କରାଯାଇ ବେଆଇନ ପଥର ବୋଝେଇ ୨ ଟ୍ରାକ୍ଟରରୁ ଜରିମାନା ଆଦାୟ ହୋଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ଚଢ଼ାଉ କରିଥିଲେ। ପ୍ରତ୍ୟେକ ଟ୍ରାକ୍ଟରରୁ ୨୦ ହଜାର ୪୨୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇ ଛାଡି ଦିଆଯାଇଛି। ଏଥିରେ ସନ୍ତୋଷ କୁମାର ଗୌଡ଼ ମଧ୍ୟ ସାମିଲ ଥିଲେ।

■ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପାଟପୁର କଲେଜ ଚାମ୍ପିୟନ

ଦିଗପହଣ୍ଡି/ପାଟପୁର,୨୭।୧୧ (ଡି.ଏନ.ଏ.)

ପାଟପୁର କଲେଜ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ପାଟପୁର ବିଶ୍ୱାସରାୟ କଲେଜ ପ୍ରତିପକ୍ଷ ଢୁରା ଲକ୍ଷ୍ମୀନାରାୟଣ କଲେଜକୁ ଫାଇନାଲ ମ୍ୟାଚ୍‌ରେ ପରାଜିତ କରି ଚାମ୍ପିୟନ ହୋଇଛି। ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ୨୦ ତାରିଖରୁ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି କଲେଜର କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ପାଟପୁର କଲେଜ ଟସ ଜିଣି ୨୦ ଓଭରରେ ୯ଉଇକେଟ ହରାଇ ୯୪ ରନ ହାସଲ କରିଥିଲେ । ଜବାବରେ ଢୁରା କଲେଜ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ ହାସଲ କରି ପରାଜିତ ହୋଇଥିଲେ । ପ୍ରମୋଦ ପଣ୍ଡା, ଟୁନା ଗୌଡ଼, ଶୁକଦେବ ସ୍ୱାଇଁ, ମାଧବ ଖୁଣ୍ଟିଆ ଅମ୍ପାୟରିଂ କରିଥିଲେ । ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ପାଟପୁର କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ । କ୍ରୀଡ଼ା ଅଧ୍ୟାପକ ଲକ୍ଷ୍ମଣ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ । ଡ. କୈଳାସ ଚନ୍ଦ୍ର ସ୍ୱାଇଁ, ଅମୀୟ କୁମାର ପାଢ଼ୀ, ଡ଼. ବିଜୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

# ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା କବଚ ଛାତ୍ର, ଯୁବ ସମାଜ



ଅତିଥିଙ୍କ ସହ ପ୍ରତିଯୋଗୀ।

ଫୁଲବାଣୀ ଅଫିସ, ୨୭।୧୧

ଜାତିର ଜନକ ମହାତ୍ମା ଗାନ୍ଧୀ, ଡ. ଭୀମରାଓ ଆମ୍ବେଡକରଙ୍କ ସମେତ ମହାମନିଷୀଙ୍କ ତ୍ୟାଗପୂତ ସଂଗ୍ରାମ ବଳରେ ଆମକୁ ଏକ ସାମ୍ବିଧାନିକ ବିଧିବ୍ୟବସ୍ଥା ମିଳିପାରିଛି। ସେହି ସମ୍ବିଧାନର ସୁରକ୍ଷା କବଚ ହେଉଛନ୍ତି ଆଜିର ଛାତ୍ର ଓ ଯୁବ ସମାଜ। ଭାରତୀୟ ସମ୍ବିଧାନର ମୂଳଭିତ୍ତି ଗଣତାନ୍ତ୍ରିକ ବିଧିବ୍ୟବସ୍ଥା, ସାଂସ୍କୃତିକ ବିବିଧତା ଓ ଧର୍ମନିରପେକ୍ଷତା ଉପରେ ଦିନକୁ ଦିନ ଆକ୍ରମଣ ବଢ଼ି ଚାଲଛି। ଏହାକୁ ବନ୍ଦ କରିବାକୁ ହେଲେ ଛାତ୍ର ଓ ଯୁବ ସମାଜ ସଚେତନ ହେବାକୁ ପଡିବ। ସମ୍ବିଧାନର ସୁରକ୍ଷା ହେଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି ଫୁଲବାଣୀସ୍ଥିତ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଶାନ୍ତି ପାଇଁ ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନ୍‌ଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଶନ୍ନ କୁମାର ବିଶୋଇ, ଶାନ୍ତି ଅଭିଯାନର ସମ୍ପାଦକ ନରେନ୍ଦ୍ର ମହାନ୍ତି, ଅଧ୍ୟାପକ ପୁଲକ ଚନ୍ଦ୍ର ଫିଲିପ୍ସ, ପ୍ରାଧ୍ୟାପକ ବାବାଜୀ ଚରଣ ବେହେରା, ଅଧ୍ୟାପକ ଅକ୍ଷୟ ବେହେରା ପ୍ରମୁଖ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତ ରଖିଥିଲେ। ଏହି ଅବସରରେ ଗୋଷ୍ଠିଗତ ସଙ୍ଗୀତ ଗାନ, ସ୍ୱରଚିତ କବିତା ଆବୃତି, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଦଳଗତ ଅଭିନୟ ପ୍ରଦର୍ଶନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ